




# ଗୋଟିଏ ଗୋଡ଼ରେ ଚଢ଼ିଲେ ସର୍ବୋଚ୍ଚ ଗିରିଶୃଙ୍ଗ

ଅରୁଣିମା ସିହ୍ନା ଗୋଟିଏ ଗୋଡ଼ରେ ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ବିଜୟ କରିଛନ୍ତି। ସିଆଇଏସ୍‌ଏଫ୍‌ରେ ଚାକିରି କରିବା ତାଙ୍କର ସ୍ୱପ୍ନ ଥିଲା। ଏହାକୁ ପୂରଣ କରିବାର ସମୟ ମଧ୍ୟ ପାଖେଇ ଆସିଥିଲା। ସିଆଇଏସ୍‌ଏଫ୍‌ରେ ଚାକିରି ପାଇଁ ସାକ୍ଷାତକାର ଦେବାକୁ ଯିବା ସମୟରେ ଅରୁଣିମାଙ୍କ ସହ ଏକ ଦୁର୍ଘଟଣ ଘଟିଲା। ଟ୍ରେନ୍‌ରେ କିଛି ଲୁଟେରା ତାଙ୍କୁ ଲୁଟିବାକୁ ଚେଷ୍ଟା କରୁଥିଲେ। ସେମାନଙ୍କୁ ପ୍ରତିବାଦ କରିବାବେଳେ ଅରୁଣିମା ବଗିରୁ ଟ୍ରେନ୍ ଟ୍ରାକ୍‌ରେ ପଡିଗଲେ। ସେହି ଟ୍ରାକ୍‌ରେ ଆଉ ଏକ ଟ୍ରେନ୍ ଆସୁଥିଲଓ। ସେ ଉଠିବାକୁ ଚେଷ୍ଟା କରୁଥିଲେ, କିନ୍ତୁ ଦୁର୍ଭାଗ୍ୟବଶତଃ ସାହସ ଜୁଟାଇ ପାରିଲେ ନାହିଁ। ଟ୍ରେନ ତାଙ୍କ ଗୋଡକୁ ଦଳିଦେଲା। ଆଖି ଆଗରେ ତାଙ୍କ ଜୀବନ ନଷ୍ଟ ହୋଇଗଲା। କିନ୍ତୁ ଏହି ଘଟଣାର ୨୫ ମାସ ପରେ ସେ ପ୍ରଥମ ବ୍ୟକ୍ତି ହେଲେ ଯିଏକି ଗୋଟିଏ ଗୋଡରେ ସଫଳତାପୂର୍ବକ ଏଭରେଷ୍ଟ ଶୃଙ୍ଗ ବିଜୟ କଲେ। ବାପାଙ୍କ ମୃତ୍ୟୁ ପରେ ଅରୁଣିମାଙ୍କ ସହିତ ଆଉ ଦୁଇ ସନ୍ତାନଙ୍କୁ ବଡ଼ କରିବା ତାଙ୍କ ମା’ଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ମା’ଙ୍କ ସଂଘର୍ଷ ଅରୁଣିମାଙ୍କ ଭିତରେ କିଛି କରିବାର ଇଚ୍ଛା ଜାଗ୍ରତ ହେଲା। ସେ ଜଣେ ଚମତ୍କାର କ୍ରୀଡ଼ାବିତ୍ ଥିଲେ। ଜାତୀୟ ସ୍ତରରେ ଭଲିବଲ୍ ଖେଳିବାର ସମ୍ମାନ ଲାଭ କରିଥିଲେ। ଆର୍ମିରେ ଥିବା ବାପାଙ୍କ ଭଳି ସେ ମଧ୍ୟ ପାରାମିଲିଟାରୀ ଫୋର୍ସରେ ଯୋଗଦେଇ ଦେଶ ସେବା କରିବାକୁ ଚାହୁଁଥିଲେ। ୨୦୧୧ରେ ସିଆଇଏସ୍‌ଏଫ୍‌ରୁ ତାଙ୍କୁ କଲ୍ ଲେଟର ମିଳିଲା। ତାଙ୍କ ଜୀବନ ବଦଳି ଯାଇଥିଲା, କିନ୍ତୁ ଯାହା ସେ ଆଶା କରୁଥିଲେ, ସେହିଭଳି ହେଲାନାହିଁ। ଦୁର୍ଘଟଣା ପରେ ତାଙ୍କୁ ବଂଚାଇବା ପାଇଁ ତାଙ୍କର ଗୋଟିଏ ଗୋଡ କାଟିବାକୁ ପଡ଼ିଲା। ଏହାପରେ ତାଙ୍କୁ ଅନୁକମ୍ପାମୂଳକ ରାଶି ମିଳିଲା। ସମସ୍ତେ ତାଙ୍କୁ ଦୟା ଦୃଷ୍ଟିରେ ଦେଖିଲେ, ଯାହା ତାଙ୍କୁ ସବୁଠୁ ବେଶୀ କଷ୍ଟ ଦେଲା। ଜୀବନରେ କିଛି କରିବାକୁ ସେ ମନେ ମନେ ନିଷ୍ପତି ନେଲେ। ଭାରତୀୟ କ୍ରିକେଟର ଯୁବରାଜ ସିଂହଙ୍କ କର୍କଟ ବିରୋଧୀ ଲଢ଼େଇରୁ ପ୍ରେରଣା ପାଇ ହସ୍ପିଟାଲ ଶଯ୍ୟାରେ ଅରୁଣିମାଙ୍କର ପୁନର୍ଜନ୍ମ ହେଲା। ଏଭରେଷ୍ଟ ଶୃଙ୍ଗ ଆରୋହଣ କରିବାକୁ ସେ ନିଷ୍ପତି ନେଲେ। ପରିବାର ତାଙ୍କୁ ପୂର୍ଣ୍ଣ ସମର୍ଥନ କଲା। ଲୋକେ ତାଙ୍କୁ ବିଭିନ୍ନ ଉପଦେଶ ଦେଲେ, ସେ କିନ୍ତୁ କାହାକୁ ଖାତିର କଲେ ନାହିଁ। ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ପରେ ସେ ଟ୍ରେନିଂ ଆରମ୍ଭ କରିଦେଲେ। ପର୍ବତାରୋହଣ ବିଷୟରେ ଅଧିକ ବୁଝିବା ପାଇଁ ସେ ଏଭରେଷ୍ଟ ଶୃଙ୍ଗ ବିଜୟ କରିଥିବା ପ୍ରଥମ ମହିଳା ବଚେନ୍ଦ୍ରୀ ପାଲଙ୍କୁ ଭେଟିଲେ। ତାଙ୍କ ସହ ଶୃଙ୍ଗ ଆରୋହରେ ଯାଇଥିବା ଅନ୍ୟମାନେ ଅଧାରୁ ଫେରିଆସିଲେ। ଅରୁଣିମା କିନ୍ତୁ ଯାତ୍ରା ଜାରି ରଖିଲେ। ଶୃଙ୍ଗଠାରୁ ମାତ୍ର ଦୁଇ ଘଂଟଶ ଦୂରରେ ସେ ଥିଲେ। ତାଙ୍କ ଅମ୍ଳଜାନ ସ୍ତର ହ୍ରାସ ପାଇବାକୁ ଲାଗିଲା। ସାଙ୍ଗରେ ଥିବା ଶେର୍‌ପା ତାଙ୍କୁ ଫେରିଯିବାକୁ ଏବଂ ପରଦିନ ଯାତ୍ରା ଆରମ୍ଭ କରିବାକୁ ଉପଦେଶ ଦେଲେ। ତାଙ୍କ ଯୋଶ୍ ଦେଖି ଶେର୍‌ପା ତାଙ୍କ ସହ ଆରୋହଣ ଜାରି ରଖିଲେ। ଶେଷରେ ସେ ସଫଳହେଲେ। ସମସ୍ତ ୭ ମହାଦେଶର ସର୍ବୋଚ୍ଚ ଶୃଙ୍ଗ ବିଜୟଲାଭ କରିଥିବା ହାତଗଣତି ଲୋକଙ୍କ ମଧ୍ୟରେ ଅରୁଣିମା ସ୍ଥାନ ପାଇଛନ୍ତି। ଶେଷଥର ସେ ଆଂର୍ଟାକ୍‌ଟିକାର ମାଉଂଟ୍ ଭିନ୍‌ସନ୍ ବିଜୟ ଲାଭ କରିଛନ୍ତି। ଜୀବନରେ ଆଶା ଛାଡିଦେଇଥିବା ଲୋକଙ୍କ ପାଇଁ ଅରୁଣିମା ଆଶାର କିରଣ। ତାଙ୍କ ଭଳି ସ୍ଥିତିରେ ଥିବା ଲୋକଙ୍କ ପାଇଁ ସେ ଏହି ଅଭିଯାନ ଆରମ୍ଭ କରିଥିଲେ, ଫଳରେ ସେମାନେ ମଧ୍ୟ ସ୍ୱପ୍ନ ପୂରଣ କରିବାରୁ କେବେ ଓହରିବେ ନାହିଁ।





# ୧୪ ଫେରେ’ରେ ବୟସ୍କ ମହିଳା

ଫିଲ୍ମ “୧୪ ଫେରେ’ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ଅଭିନେତ୍ରୀ ଗୌହର ଖାନ୍। ପରଦାରେ ସେ ଜଣେ ବୟସ୍କ ତଥା ହାସ୍ୟରସ ମହିଳା ଚରିତ୍ର ନିର୍ବାହ କରିଛନ୍ତି। ଏହି ଯାତ୍ରା ବେଶ୍ ମଜାଦାର ବୋଲି ଗୌହର କହିଛନ୍ତି। ପ୍ରଥମେ ଯେତେବେଳେ ତାଙ୍କ ଚରିତ୍ର ବିଷୟରେ ବର୍ଣ୍ଣନା କରାଗଲା, ପରଦାରେ ଜଣେ ବୟସ୍କ ମହିଳା ଭୂମିକା ନିର୍ବାହ କରିବାରେ କୌଣସି ସମସ୍ୟା ହେବ କି ବୋଲି ଗୌହରଙ୍କୁ ପଚରାଗଲା। ସେ କିନ୍ତୁ ପ୍ରଥମେ କାହାଣୀ ପଢ଼ିବାକୁ ଚାହିଁଲେ। ଏହା ପରେ ଜାଣିବାକୁ ପାଇଲେ, ଦିଲ୍ଲୀ ଥିଏଟରରେ ସେ ଜଣେ ଯୁବ କଳାକାର ଭାବେ କାମ କରୁଛନ୍ତି। ଏକ ମଜାଦାର ଦୃଶ୍ୟରେ ସେ ବୟସ୍କ ମହିଳା ଭୂମିକା ପ୍ଲେ କରିଛନ୍ତି। ତେଣୁ ଗୌହର କାହାଣୀକୁ ଖୁବ୍ ମନୋରଂଜକ ବୋଲି ହୃଦୟଙ୍ଗମ କଲେ। ସେତିକି ନୁହେଁ, ତାହା ଚ୍ୟାଲେଞ୍ଜିଂ ମଧ୍ୟ। କାରଣ ଫିଲ୍ମରେ ସେ ଦୁଇଟି ଚରିତ୍ରରେ ଅଭିନୟ କରିଛନ୍ତି। ଫିଲ୍ମର କାହାଣୀ ସଂଜୟ ଓ ଅଦିତିଙ୍କୁ ନେଇ ଗତିଶୀଳ। ଏହି ଚରିତ୍ର ନିର୍ବାହ କରିଛନ୍ତି ବିକ୍ରାନ୍ତ ମେସି ଓ କୃତି ଖରବନ୍ଦା। ଭିନ୍ନ ଜାତିର ହୋଇଥିବାରୁ ପରିବାର ସେମାନଙ୍କ ବିବାହ ପାଇଁ ରାଜି ହେବେ ନାହିଁ ବୋଲି ଜାଣି ଘରୁ ପଳାୟନ କରିବାକୁ ଉଭୟ ଯୋଜନା କରିଛନ୍ତି। ଦେବାଂଶୁ ସିଂହଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଜି୫ରେ ମୁକ୍ତିଲାଭ କରିଛି। ଗୌହର ଓ ତାଙ୍କ ସ୍ୱାମୀ ଜୈଦ ଦରକାର ଏବେ ଋଷରେ ବୁଲାବୁଲି କରୁଛନ୍ତି। ସେଠାରୁ ନିୟମିତ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି।



# ବାଦଲକୁ ଇଲେକ୍ଟ୍ରିକ୍ ସକ୍ ଦେଇ କୃତ୍ରିମ ବର୍ଷା

ଦୁବାଇ ଏବେ ଗ୍ରୀଷ୍ମ ପ୍ରବାହ ଦେଇ ଗତି କରୁଛି। ଦେଶର ତାପମାତ୍ରା ୫୦° ସେଲ୍‌ସିୟସ୍ ଅତିକ୍ରମ କରିଛି। ଅସହ୍ୟ ତାତିରୁ ରକ୍ଷା ପାଇବା ପାଇଁ ୟୁଏଇର ନ୍ୟାସନାଲ୍ ସେଂଟର ଅଫ୍ ମେଟେରୋଲୋଜି ଏକ ନିଆରା ସମାଧାନ ବାହାର କରିଛି, ଯାହା ଫଳରେ ଏଠାରେ ଭୀଷଣ ତାତିରେ ମୌସୁମୀର ଆଗମନକୁ ଲୋକେ ମନଭରି ଉପଭୋଗ କରିଛନ୍ତି। ପ୍ରକୃତିରେ ଏଠାରେ ମୌସୁମୀ ଆସି ନାହିଁ। ଡ୍ରୋନ୍ ବ୍ୟବହାର କରି ମୌସୁମୀ ବିଭାଗ ବର୍ଷା ସୃଷ୍ଟି କରିଛି। ଏହି ଟେକ୍ନୋଲୋଜିରେ ଡ୍ରୋନ୍‌କୁ ବାଦଲ ମଧ୍ୟକୁ ନିଆଯାଇଛି। ଏହାପରେ ବାଦଲରେ ବିଦ୍ୟୁତ୍ ଚାର୍ଜ ପ୍ରଦାନ କରାଯାଇ ବର୍ଷା ସୃଷ୍ଟି କରାଯାଇଛି। ୟୁଏଇ ବିଶ୍ୱର ଅନ୍ୟତମ ସବୁଠୁ ଶୁଷ୍କ ଦେଶ। ଏଠାରେ ବର୍ଷ ତମାମ୍ ହେଉଥିବା ସ୍ୱଳ୍ପ ବୃଷ୍ଟିପାତ ହାରକୁ ଏହି କୌଶଳ ବୃଦ୍ଧି କରିବ ବୋଲି ଏହା ଆଶା କରୁଛି। ଏହି କୌଶଳ ସଫଳତାପୂର୍ବକ କାମ କରୁଛି। ୟୁଏଇ ନ୍ୟାସନାଲ୍ ସେଂଟର ଅଫ୍ ମେଟେରୋଲୋଜି ଦ୍ୱାରା ଜାରି କରାଯାଇଥିବା ଭିଡିଓରେ ଏହା ସ୍ପଷ୍ଟ ଦେଖିବାକୁ ମିଳିଛି। ଦୁବାଇ ରାଜପଥରେ ପ୍ରବଳ ବୃଷ୍ଟିପାତ ହେଉଛି, ଯାହାମୌସୁମୀର ଭ୍ରମ ସୃଷ୍ଟି କରୁଛି। ଏହି ଟେକ୍ନୋଲୋଜିର ନାଁ କ୍ଲାଉଡ୍ ସିଡିଙ୍ଗ୍’। ବାଦଲରେ ଚାପ ବୃଦ୍ଧି ଜରିଆରେ ବର୍ଷା କରାଇବା ଏହାର ଉଦ୍ଦେଶ୍ୟ। ଦେଶରେ ବର୍ଷା ଉତ୍ପନ୍ନ ପାଇଁ ୧୫ ମିଲିଅନ୍ ଡଲାର ବିନିମୟରେ ଆରମ୍ଭ ହୋଇଥିବା ମିଶନ୍‌ର କ୍ଲାଉଡ୍ ସିଡିଙ୍ଗ୍ ଏକ ଅଂଶବିଶେଷ। ବିଶ୍ୱର ଶୀର୍ଷ ୧୦ ଶୁଷ୍କ ଦେଶ ମଧ୍ୟରେ ୟୁଏଇ ରହିଛି, ଯାହାର ହାରାହାରି ବୃଷ୍ଟିପାତ ମାତ୍ର ୩ ଇଂଚ (୭୮ ମିଲିମିଟର)। ବ୍ରିଟେନରେ ବାର୍ଷିକ ହାରାହାରି ବୃଷ୍ଟିପାତ ଅପେକ୍ଷା ଏହା ୧୫ ଗୁଣା କମ୍।

# ମ୍ୟାଜିକ୍ କମ୍ବଳ, ଶରୀର ତାପମାତ୍ରା ହ୍ରାସ କରିବ

ବଜାରକୁ ଏକ ନୂଆ କମ୍ବଳ ଆସିଛି, ଯାହା ଖରାଦିନେ ଥଣ୍ଡା ରଖିବା ସହିତ ବିଦ୍ୟୁତ୍ ଖର୍ଚ୍ଚ ଚିନ୍ତାରୁ ମଧ୍ୟ ମୁକ୍ତି ଦେବ। ଖରାଦିନେ କମ୍ବଳ ଘୋଡ଼ାଇ ହେବା କଥା ଶୁଣିଲେ ଟିକିଏ ଅଜବ ଲାଗୁଥାଇପାରେ, କିନ୍ତୁ ଏହି ସ୍ୱତନ୍ତ୍ର ଶୀତଳତା ପ୍ରଦାନକାରୀ କମ୍ବଳ ବ୍ୟକ୍ତିଙ୍କ ଶରୀର ତାପମାତ୍ରା ହ୍ରାସ କରେ। ଲୋକେ ଏହାକୁ ମ୍ୟାଜିକ୍ କମ୍ବଳ କହୁଛନ୍ତି, କିନ୍ତୁ ବାସ୍ତବରେ ଏହା ପଛରେ ଟେକ୍ନୋଲୋଜି ରହିଛି। ଏହା ହେଉଛି ଜାପାନିଜ୍ ଆର୍କ-ଚିଲ୍ କ୍ୟୁ-ମାକ୍ସ ୦.୩୪ ଫାଇବର କୁଲିଂ ଫାବ୍ରିକ୍। ନାଁ-ମାର୍ଚ୍ଚପାଓ୍ୱାର କୁଲିଂ ବ୍ଲାଙ୍କେଟ୍। ଏହା ବ୍ୟକ୍ତିଙ୍କୁ ଥଣ୍ଡା ରଖେ। ଏହି ଅଭିନବ ଫ୍ୟାବ୍ରିକ୍ ବ୍ୟକ୍ତିଙ୍କ ଶରୀର ଉତାପ ଶୋଷିନେଇ ତାପମାତ୍ରା ହ୍ରାସ କରେ ଏବଂ ରାତି ସାରା ଥଣ୍ଡା ରଖେ। ଫଳରେ ବ୍ୟକ୍ତି ଆରାମରେ ଶୋଇପାରନ୍ତି।




# ଛାତ୍ରଙ୍କ ଇ-ସାଇକେଲ
# ଥରେ ଚାର୍ଜହେଲେ ୨୫ କି.ମି. ଯିବ

ପେଟ୍ରୋଲ, ଡିଜେଲ ଦର ଏବେ ଆକାଶଛୁଆଁ ହୋଇଛି। ଏହି ସ୍ଥିତିରେ ଅନେକ ସାଇକେଲକୁ ବିକଳ୍ପ ଭାବେ ଚୟନ କରିଛନ୍ତି। ଏହି କ୍ରମରେ ରାଜସ୍ଥାନର ବାଡମେର ଜିଲ୍ଲାର ପଲିଟେକ୍ନିକ୍ କଲେଜର ଶେଷ ବର୍ଷର ୧୪ ଛାତ୍ର ମାତ୍ର ୮ ଦିନରେ ନିଜ ପକେଟ୍ ଖର୍ଚ୍ଚରୁ ଏକ ଇ-ସାଇକେଲ ନିର୍ମାଣ କରିଛନ୍ତି। ସାଇକେଲ ନିର୍ମାଣରେ ୧୨ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହି ଇ-ସାଇକେଲ ଚାଳନାରେ କି.ମି ପିଛା ୨୦ ପଇସା ଖର୍ଚ୍ଚ ହେବ ବୋଲି ଛାତ୍ରମାନେ କହିଛନ୍ତି। ଥରେ ଚାର୍ଜ ହେଲେ ଏହା ୨୫ କି.ମି. ଯିବ। ଏହାର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏଥିରେ ୧୨ ୱାଟ୍‌ର ଦୁଇ ଲିଡ୍ ଏସିଡ୍ ବ୍ୟାଟେରି ସହିତ ସିଟ୍ ତଳେ ଏକ ସ୍ପିଡ୍ କଂଟ୍ରୋଲର ଲାଗିଛି, ଯାହା ବେଗ ବଢ଼ାଇବା ଓ କମାଇବା ସହିତ ନିୟନ୍ତ୍ରଣ କରିବ। ବ୍ୟାଟେରୀ ଶେଷ ହୋଇଗଲେ ପ୍ୟାଡେଲ୍ ସାହାଯ୍ୟରେ ମଧ୍ୟ ସାଇକେଲ ଚଳାଇପାରିବେ।






# ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ

ଜୟପୁର,(ପି.ଏନ): କୋରାପୁଟ ସ୍ଥାନୀୟ ପୋଲିସ ପ୍ୟାରେଡ ପଡ଼ିଆ ଠାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନନଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ୍ଯୋ ବନ୍ଦନ ଯୋଜନା ଶୁଭାରମ୍ଭ ହୋଇଯାଇଛି,କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଓଡିଶା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟାଳୟ କୁ ଛାଡି ୫୧ ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ କରାଯାଇଛି,ଜିଲ୍ଲା ମୁଖ୍ୟାଳୟରେ ୫ ହଜାର ରୁ ଉର୍ଦ୍ଧ୍ୱ ଲୋକ ଏହି କାର୍ଯ୍ୟକ୍ରମରେ ସାମିଲ ହେଇଥିବା ବେଳେ ଜିଲ୍ଲାର ଅନ୍ୟ ସ୍ଥାନ ମାନଙ୍କରେ ମଧ ହଜାରରୁ ଅଧିକ ଲୋକ ଏହି କାର୍ଯ୍ୟକ୍ରମରେ ଯୋଡି ହେଇଛନ୍ତି।ଏହି ଯୋଜନା ମାଧ୍ୟମରେ କୋରାପୁଟ ଜିଲ୍ଲାରେ ୫ ଲକ୍ଷରୁ ଉର୍ଦ୍ଧ ଜନସାଧାରଣଙ୍କୁ କାର୍ଡ ବର୍ଣ୍ଟନ କରାଯିବ। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୩,୧୩,୦୫୦ କାର୍ଡ ଜିଲ୍ଲାରେ ପଂହଁଚିଛି। ପର୍ଯ୍ୟାୟ କ୍ରମେ ବଳକା କାର୍ଡ ଉପଲବ୍ଧ ହେବ। ସାଧାରଣ ଜନ ସେବା କେନ୍ଦ୍ର ଗୁଡିକ ସମ୍ପୃକ୍ତ ଅଂଚଳର ଆଶାକର୍ମୀ/ ବହୁମୁଖୀ ଜନସ୍ୱାସ୍ଥ୍ୟ



କର୍ମୀମାନଙ୍କ ସହାୟତାରେ ଗ୍ରାମ ସ୍ତରରେ ହିତାଧିକାରୀଙ୍କୁ କାର୍ଡ ବର୍ଣ୍ଟନ କରାଯିବ। କୋରାପୁଟ ଜିଲ୍ଲାରେ ୪ ଟି ଘରୋଇ ହସ୍ପିଟାଲ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏ. ବି. ପିଏମ. ଜେ. ଏ. ୱାଇ - ଜି. ଜେ. ଏ. ୱାଇ ଯୋଜନାରେ ଅନୁବନ୍ଧିତ ଅଛନ୍ତି,ଏହାସହିତ ସାରା ଦେଶରେ ୨୯ ହଜାର ଘରୋଇ ଏବଂ ସରକାରୀ ହସ୍ପିଟାଲ ଏହି ଯୋଜନାରେ ତାଲିକାଭୁକ୍ତ ଅଛନ୍ତି। ନୂଆ ଏକକ କାର୍ଡ ପାଇବା ପର୍ଯ୍ୟନ୍ତ ବର୍ତ୍ତମାନର ସମସ୍ତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ହିତାଧିକାରୀ ତାଲିକାଭୁକ୍ତ ହସ୍ପିଟାଲରେ ନିଜର ଆଧାର କାର୍ଡ ସହିତ ବର୍ତ୍ତମାନ ପାଖରେ ଥିବା ସ୍ୱାସ୍ଥ୍ୟ କାର୍ଡ ନମ୍ବର ଦେଇ ଚିକିତ୍ସା ପାଇପାରିବେ,ଏହି ପରିପ୍ରେକ୍ଷୀରେ ରାଜ୍ୟ ସ୍ତରରେ ଏକ କଲ୍ ସେଣ୍ଟର କରାଯାଇଛି ଯାହାର ନମ୍ବର ୦୬୭୪-୨୬୨୦୫୦୦ ଅଟେ।ଏହି ଯୋଜନାକୁ ନେଇ କିଛି ଅସୁବିଧା ହେଲେ ଏହି ନମ୍ବରରେ କଲ କରିପାରିବେ,ଏହି ଯୋଜନାକୁ ଲୋକଙ୍କ ନିକଟକୁ ଅଧିକରୁ ଅଧିକ ପହଁଚେଇବା ପାଇଁ ଜିଲ୍ଲାରେ ୫୨ ଟି ସଚେତନତା ରଥ ବୁଲି ଲୋକଙ୍କୁ ସଚେତନ କରାଇବ ଏହାସହିତ ଲିଫଲେଟ, ପୋଷ୍ଟର, ବ୍ୟାନର ଲଗାଯିବ ଏବଂ ପଂଚାୟତ ସ୍ତରରେ ଲୋକଙ୍କୁ ଏ ସଂକ୍ରାନ୍ତରେ ସଚେତନ କରାଯିବ,ଯେପରି ଲୋକମାନେ ଏହି ଯୋଜନାର ଲାଭ ଉଠାଇପାରିବେ,ଏହି ଯୋଜନା ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ଯାହା ଓଡିଶାର ସ୍ୱାସ୍ଥ୍ୟ ସେବାକୁ ଆହୁରି ଆଗକୁ ନେବା ସହ ଲୋକ ମାନଙ୍କୁ ଏକ ଉନ୍ନତ ଧରଣର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ନିଶ୍ଚିତ କରାଇବ। ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ପରେ କଟକ ସ୍ଥିତ ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା, ଏହାପରେ ଏହି ଯୋଜନାର ୩୯ଜଣ ହିତାଧିକାରୀଙ୍କୁ ପ୍ରତୀକାତ୍ମକ ଭାବେ ଏହି ଏକକ କାର୍ଡ ପ୍ରଦାନ କରାଯାଇଥିଲା,ପରବର୍ତ୍ତୀ ସମୟରେ ଜିଲ୍ଲାର ସମସ୍ତ ହିତାଧିକାରୀଙ୍କୁ ଖୁବ ଶୀଘ୍ର ଏହି କାର୍ଡ ପ୍ରଦାନ କରାଯିବ। ଏହି ପ୍ରରିପ୍ରେକ୍ଷୀରେ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା ଯାହାକି ଜନସାଧାରଣ ମାନଙ୍କୁ ଏହି ଯୋଜନା ସମ୍ବନ୍ଧରେ ସଚେତନ କରାଇବ।ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ବରଦାକାନ୍ତ ମିଶ୍ର, କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝୀ , କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଡିଓ ଦେବାଶିଷ ଗୌଡ଼ ଏବଂ ତହସିଲଦାର ସୟଦ ସବିର ସାହା ଯୋଗଦେଇ ପରିଚାଳନା କରିଥିଲେ।ସେହିପରି ଜିଲ୍ଲାର ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଡ ବିତରଣ ଉତ୍ସବ ପାଳନ କରାଯାଇଥିଲା।ଏଥିରେ ସମୁଦାୟ ୫୨୦ ଜଣ ହିତାଧିକାରୀଙ୍କୁ କାର୍ଡ ବିତରଣ କରାଯାଇଥିଲା।ଏହି କାର୍ଯ୍ୟକ୍ରମ ଗୁଡିକରେ ବିଡିଓ, ତହସିଲଦାର ଏବଂ ମେଡିକାଲ ଅଫିସର ମାନେ ଯୋଗଦେଇଥିଲେ।

# ଲୋକ କଳା ଦିବସ

ଜୟପୁର ,(ପି.ଏନ): ଓଡ଼ିଆ ପକ୍ଷ ପାଳନର 'ଲୋକ କଳା ଦିବସ' ଜୟପୁର ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ସହିତ ଆଜିର ଦିନ କଳାକାରଙ୍କ ନିମନ୍ତେ ଉତ୍ସର୍ଗୀକୃତ ବୋଲି ଉଦବୋଧନ ଦେଇଥିଲେ,ଏହି କାର୍ଯ୍ୟକ୍ରମ ରେ



ପାଳିତ ହୋଇଯାଇଛି,ଏହି କାର୍ଯ୍ୟକ୍ରମ ରେ ଜୟପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଲୋକ କଳା ସବୁବେଳେ ଜୀବିତ ରହିଛି ଏବଂ ରହିବ ବୋଲି ଉପସ୍ଥିତ ସ୍ଥାନୀୟ କଳାକାରମାନଙ୍କୁ କହିଥିଲେ, ଜୟପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ ଏସ ନିଶା ଯୋଗଦାନ କରି ସମସ୍ତ କାଳାକାରଙ୍କୁ କଳାର ମହତ୍ୱ ଏବଂ ଆମ ଜୀବନରେ କଳାର କେତେ ଆବଶ୍ୟକତା ରହିଛି ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବା ଜୟପୁର ବ୍ଲକର ସମସ୍ତ ୨୨ ଗ୍ରାମ ପଞ୍ଚାୟତ ର କଳାକାର ଯୋଗଦାନ କରିଥିଲେ,ପରିଶେଷରେ ୬ ଜଣ ବରିଷ୍ଠ ନାଗରିକ କଳାକାରଙ୍କୁ ମୁଖ୍ୟ ଅତିଥି ଉତ୍ତରୀୟ ଏବଂ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମସ୍ତ କଳାକାରଙ୍କ ଶୁଭେଚ୍ଛା ଏବଂ ଶୁଭକାମନା ଜଣେଇ ଥିଲେ, ଏହି କାର୍ଯ୍ୟକ୍ରମ ରେ ଏବିଡିଓ ମୋନଜ ନାୟକ,ଏପିଓ ସନ୍ତୋଷୀ ମହାପାତ୍ର, ବ୍ଲକ ର ସମସ୍ତ ସରପଞ୍ଚ. ପିଓ, ଜୟପୁର ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ, ଏବଂ ବ୍ଲକ ର କର୍ମଚାରୀ ଉପସ୍ଥିତ ଥିଲେ।

# ସି ପି ଆଇ ଜିଲ୍ଲା ପରିଷଦରେ ୱାକଫ୍ ଆଇନ ସଂଶୋଧନ ଓ ଗ୍ୟାସ ଦର ବୃଦ୍ଧିକୁ ବିରୋଧ

ସୋର,(ପି.ଏନ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବାଲେଶ୍ୱର ଜିଲ୍ଲା ପରିଷଦ ବୈଠକ, କମରପୁର ସ୍ଥିତ ସଂଗ୍ରାମୀ ଭବନରେ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ ବିଗତ ଦିନର କାମ ଦାମ ବିବରଣୀ ଉପସ୍ଥାପନ କରିବା ପରେ, ରାଜ୍ୟ ସମ୍ପାଦକ ଆଶିଷ କାନୁନ ଗୋ ବୃଦ୍ଧି ହସ୍ୟସ୍ପଦ।ବେରୋଜଗାରୀ ବଢିଚାଲି ଥିବା ବେଳେ, ଶିକ୍ଷିତ ବେକାର ଯୁବକ ମାନଙ୍କୁ କର୍ମ ସଂସ୍ଥାନ ଅତ୍ୟନ୍ତ ଜରୁରୀ ବୋଲି ଦାବି କରିଥିଲେ।ଏଥି ପାଇଁ ଗଣ ଆନ୍ଦୋଳନ ଗଢି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ।ଏହି ବୈଠକରେ ଅନ୍ୟତମ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ



ଯୋଗଦେଇ ଭାରତ ବର୍ଷର ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ଧର୍ମ ନିରପେକ୍ଷତା ଏବଂ ଧାର୍ମିକ ଅନୁଷ୍ଠାନ ଉପରେ ଯେଉଁଭଳି ଭାବେ ହସ୍ତ କ୍ଷେପ କରି ଚାଲିଛନ୍ତି , ତାହା ଗଣତନ୍ତ୍ର ପ୍ରତି ବିପଦ। ସଂଖ୍ୟା ଲଘୁ ସମ୍ପ୍ରଦାୟ ପାଇଁ ଉଦ୍ଦିଷ୍ଟ ୱାକଫ ଆଇନକୁ ବଳ ପୂର୍ବକ ସଂଶୋଧନ ଅର୍ଥ,ଧର୍ମ ନିରପେକ୍ଷତା ପ୍ରତି ବିପଦ। ଜନ ସାଧାରଣଙ୍କ ସମସସ୍ୟା ତଥା ଦରଦାମ ବୃଦ୍ଧି ରୁ ନଜର ହଟାଇବା ପାଇଁ ସରକାର ନିଜେ ପ୍ରାୟୋଜିତ ସମସ୍ୟା ସୃଷ୍ଟି କରୁଛନ୍ତି। ଆନ୍ତର୍ଜାତିକ ବଜାରରେ ତୈଳଦର ସ୍ଥିର ଥିବାବେଳେ, ଗ୍ୟାସ ଦର ଦାସ ରାଜ୍ୟ ଓ କେନ୍ଦ୍ର କମିଟିର ନିଷ୍ପତ୍ତି ଗୁଡ଼ିକ ଉପସ୍ଥାପନ କରିଥିବା ବେଳେ, ଜିଲ୍ଲା ସହ ସମ୍ପାଦକ ଭାଗବତ ପ୍ରତିହାରୀ ଏହି ବୈଠକରେ ଅଧକ୍ଷତା କରିଥିଲେ। ଅନାମ ପ୍ରସାଦ ବାରିକ, ସନ୍ତୋଷ ବିଶ୍ୱାଳ, ଶ୍ୟାମ ସୁନ୍ଦର ଜେନା, ଶଶୀକାନ୍ତ ପଣ୍ଡା, ବିଜୟ ସ, ପ୍ରଭାବତୀ ଦାସ, ଯତୀନ ପାତ୍ର, ବନ୍ଦନା ବିଶ୍ୱାସ, ବିପିନ ବିହାରୀ ବାରିକ, ଭଗବାନ ପଣ୍ଡା ପ୍ରଭୃତି ଆଲୋଚନାରେ ଅଂଶ ଗ୍ରହଣ କରିଥିବା ବେଳେ, ମାୟାଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଭରତପୁର କୋଇଲାଖଣି ସ୍ୱାଭାବିକ ସ୍ଥିତି ଫେରାଇବା ଆଣିବା ନେଇ ୪ ଶ୍ରମିକ ସଂଗଠନର ଉପଜିଲ୍ଲାପାଳ ଠାରେ ଦାବି

ତାଳଚେର, (ପି.ଏନ): ବଡ଼ଯୋରୋଡା ଗ୍ରାମବାସୀଙ୍କ ନିଯୁକ୍ତି ନେଇ ଭରତପୁର ଖଣି ବନ୍ଦ୍ ଆନ୍ଦୋଳନ ଗତ ୪ ତାରିଖରୁ ଚାଲିଥିବାରୁ ଗତ ୬ ଦିନ ହେବ ଭରତପୁର ଖଣି କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିବା ସହ ଖଣିର ଉତ୍ପାଦନ ଓ ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଖଣିର କର୍ମଚାରୀ ମାନେ ବିଭିନ୍ନ ଶିଫ୍ଟରେ କର୍ଯ୍ୟକରିବାକୁ ଗଲାବେଳେ ତାଙ୍କୁ ସେଠାରୁ ଆନ୍ଦୋଳନକାରୀ ମାନେ ଫେରାଇ ଦେଉଛନ୍ତି। ତେଣୁ ଆଗାମୀ ଦିନରେ ଖଣି କର୍ତ୍ତୃପକ୍ଷ କାମ ନାହିଁ ତୋ ଦରମା ନାହିଁ ନିଷ୍ପତି ନେବା ସମ୍ଭାବନା ଥିବାସହ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀ ମାନଙ୍କୁ ଅନ୍ୟତ୍ର ବଦଳି କରିବାକୁ ଖଣି କର୍ତ୍ତୃପକ୍ଷ ଚିନ୍ତା କରୁଥିବାବେଳେ ଏହାକୁ ବିରୋଧ କରି ଆଜି ଚାରିଟି ପ୍ରମୁଖ ଶ୍ରମିକ ସଂଘ ଏଚଏମଏସ, ବିଏମ୍ଏସ, ଆଇଏନଟିୟୁସି ଓ ଏଆଇଟିୟୁସି ର ଏକ ହଜାରରୁ ଉର୍ଦ୍ଧ୍ୱ ସଭ୍ୟ ମାନେ ତାଳଚେର ଉପ ଜିଲ୍ଲାପାଳଙ୍କୁ ଭରତପୁର କୋଇଲାଖଣି ସ୍ୱାଭାବିକ ଭାବେ ଚାଲିବାକୁ ଏକ ଦାବି ମାଧ୍ୟମରେ ଜଣାଇଛନ୍ତି। ସୂଚନାଯୋଗ୍ୟ ବଡ଼ଯୋରୋଡା ଗ୍ରାମର କେତେକ କ୍ଷତିଗ୍ରସ୍ତ ନିଯୁକ୍ତି ନେଇ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଥିଲେ ମଧ ଏମସିଏଲ କର୍ତ୍ତୃପକ୍ଷ ତାଙ୍କୁ ବିଭିନ୍ନ ଆଳ ଦେଖାଇ ନିଯୁକ୍ତି ଦେଉନଥିବାରୁ ସେମାନେ ଖଣି ବନ୍ଦ୍ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ଖଣିର ଓଭରବର୍ଡନ କାର୍ଯ୍ୟ ଚାଲୁ ନାହିଁ ଯାହାଫଳରେ କୋଇଲା ଉତ୍ପାଦନ ମଧ୍ୟ ହୋଇ ପାରୁନାହିଁ। ତେଣୁ କୋଇଲା ଉତ୍ପାଦନ ବନ୍ଦ ରହିଲେ ନାଲକୋ ଓ ଏନଟିପିସିକୁ କୋଇଲା ଯୋଗାଣ ବାଧାପ୍ରାପ୍ତ ହେବା ସହ ଶ୍ରମିକ ଓ କର୍ମଚାରୀଙ୍କ ରୋଜି ରୋଟି ଓ ରୋଜଗାର ଉପରେ ପ୍ରଭାବ ପକାଇବ ବୋଲି କର୍ମଚାରୀ ମାନେ କହିଛନ୍ତି। ଏହାସହ କର୍ମଚାରୀ ମାନେ କହିଛନ୍ତି ସେମାନେ ସମସ୍ତେ କାର୍ଯ୍ୟ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ହଉ ନଥିବା ସହ ନ୍ୟାୟଳୟରେ ଏ ସମସ୍ୟା ଛନ୍ଦି ହୋଇପଡ଼ି ଥିବାରୁ ଖଣି ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଆଶା ଦେଖାଯାଉଛି। ଫଳରେ ୫ ହଜାର ସ୍ଥାୟୀ ଓ ଅସ୍ଥାୟୀ ଶ୍ରମିକ ଓ କର୍ମଚାରୀଙ୍କ ଅସୁବିଧା ସୃଷ୍ଟି ହେବା ଆଶଙ୍କାରେ ଆଜି ବିଭିନ୍ନ ସଂଗଠନର ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀମାନେ ଏକ ରାଲୀ କରି ଉପ ଜିଲ୍ଲାପାଳଙ୍କୁ ଖଣି ଚାଲିବାକୁ



କରିବାକୁ ପ୍ରସ୍ତୁତ ଥବାବେଳେ ପୁଲିସ ଯଦି ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବେ ତେବେ ସେମାନେ ଓଭରବର୍ଡନ କାର୍ଯ୍ୟ ପୂର୍ବ ପରି କରି ପାରିବେ। ସେପଟେ ଏମସିଏଲ୍ ସର୍ବୋଚ୍ଚ ନ୍ୟାୟାଳୟର ଆଦେଶ ବିରୁଦ୍ଧରେ ପୁନର୍ବାର ଏକ ରିଭ୍ୟୁ ପିଟିସନ ଦେଇଥିବାବେଳେ ଯାହାର ଶୁଣାଣୀ ମେ ମାସ ୨୬ ତାରିଖରେ ହେବାକୁ ସ୍ଥିର ହୋଇଛି। ତେଣୁ ଏପଟେ ରାଜ୍ୟ ସରକାରଙ୍କ ଦ୍ୱାରା ସମସ୍ତ କୋଇଲାଖଣି ଅଞ୍ଚଳରେ ଏସମା ଲାଗୁ କରାଯାଇଥିବାବେଳେ ଆନ୍ଦୋଳନକାରୀଙ୍କ ଦାବି ଉପସ୍ଥାପନ କରିଥିଲେ। ଦାବି ପତ୍ରରେ ଆଇଏନଟିୟୁସିର ସାଧାରଣ ସମ୍ପାଦକ ସୌଭାଗ୍ୟ ପ୍ରଧାନ, ଏଚଏମଏସ ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ବେହେରା, ବିଏମ୍ଏସ ସାଧାରଣ ସମ୍ପାଦକ ବୀରେନ ଖିଲାର ଓ ଏଆଇଟିୟୁସି ସାଧାରଣ ସମ୍ପାଦକ ଏସ କେ ଶର୍ମାଙ୍କ ସମେତ ବାବୁଲାଲ ଖଣ୍ଡୁଆଲ, ଛବିନ୍ଦ୍ର ଖିଲାର, ଶମ୍ଭୁନାଥ ନାହାକ, ଲକ୍ଷ୍ମଣ ବିଶ୍ୱାଳ, ଲଲାଟେନ୍ଦୁ ଗଡ଼ନାୟକ ଓ ହରିହର ଭୁକ୍ତା ପ୍ରମୁଖ ସ୍ୱାକ୍ଷର କରିଥିବା ଜଣାପଡିଛି।

# ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ




ଜଗତସିଂହପୁର,(ପି.ଏନ): ଜଗତସିଂହପୁର ଆଜି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀଙ୍କ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ ଜିଲ୍ଲାର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କରାଯାଇଛି। ଏହି ଆୟୁଷ୍ମାନ ଜନ ଆରୋଗ୍ୟ ଯୋଜନା ଦ୍ୱାରା ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ କାର୍ଡ ମିଳିବ। ପରିବାର ପିଛା ବାର୍ଷିକ ୫ ଲକ୍ଷ ଏବଂ ମହିଳା ମାନଙ୍କ ପାଇଁ ପରିବାର ପିଛା ଅତିରିକ୍ତ ୫ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ମିଳିବ। ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷରୁ ଉର୍ଦ୍ଧ ବ୍ୟକ୍ତି ମାନେ ଚିକିତ୍ସା ସହାୟତା ମଧ ପାଇପାରିବେ। ୨୯ ହଜାରରୁ ଉର୍ଦ୍ଧ ସରକାରୀ ପଞ୍ଜିକୃତ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ମିଳିପାରିବ। ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ଏହି ଯୋଜନାର ଶୁଭାରମ୍ଭ ଜଗତସିଂହପୁର ଜିଲ୍ଲାର ପିତେଇପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ସ୍ଥାନୀୟ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା କରାଯାଇଛି। ସେହିଭଳି ସହରାଞ୍ଚଳରେ ଉକ୍ତ ଯୋଜନାର ଉଦଘାଟନୀ କାର୍ଯ୍ୟକ୍ରମ ୱାର୍ଡ ନଂ ୧ ଶାନ୍ତି ଭଉଣୀ ପୀଠରେ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା କରାଯାଇଛି। ଦୀର୍ଘ ଦିନ ବ୍ୟବଧାନ ପରେ ଡବଲ ଇଞ୍ଜିନ ସରକାରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାର ସଫଳତା ପ୍ରସଙ୍ଗରେ ବିଧାୟକ ଅଭିଭାଷଣ ମାଧ୍ୟମରେ ପ୍ରକାଶ କରିଥିଲେ।

# ଆନ୍ତଃ ଜିଲ୍ଲା ୭ଡକାୟତ ଗିରଫ, ୫୦ଗ୍ରାମ ସୁନା, ୯୦୦ଗ୍ରାମ ରୂପା ଅଳଂକାର ସମେତ ନଗଦ ୮୨ହଜାର ଟଙ୍କା ଜବତ

ସାଲେପୁର,(ପି.ଏନ): ଗ୍ରାମାଞ୍ଚଳ ପୁଲିସ ଏକ ଆନ୍ତଃଜିଲ୍ଲା ଡକାୟତି ଦଳକୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ନଗଦ ଟଙ୍କା ଓ ବିପୁଳ ପରିମାଣର ସୁନାରୂପା ଅଳଂକାର ଜବତ କରିଥିବା ସାଲେପୁର ଥାନାଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗ୍ରାମାଞ୍ଚଳ ଏସ୍.ପି. ପ୍ରତୀକ ସିଂହ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ସିଙ୍ଗିରି ଗ୍ରାମର ସଂଜୟ ଦାସ, ରାଜନ ଦାସ, ପୋହଳା ଗ୍ରାମର ଅର୍ଜୁନ ଦାସ, ଆକାଶ ଦାସ, ଟୁନା ଦାସ, ମାଟିଆ ଗ୍ରାମର ବଳିଆ ଓରଫ୍ ଅର୍ଜୁନ ଦାସ, କଣ୍ଟିପୁର ଗ୍ରାମର ପଦ୍ମନାଭ ସାହୁଙ୍କୁ ଗ୍ରାମାଞ୍ଚଳ ପୁଲିସ ଗିରଫ କରିଥିବା ଜଣାଯାଇଛି। ଏହି ଗ୍ୟାଙ୍ଗ କିଛି ଦିନ ହେବ କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ସମେତ ବିଭିନ୍ନ ଜିଲ୍ଲାରେ ଘରେ ପଶି ସୁନାରୂପା ଅଳଂକାର ଚୋରି କରିବା ସହ ଗୃହକର୍ତ୍ତାମାନଙ୍କୁ ମରଣାନ୍ତକ ଆକ୍ରମଣ କରିଆସୁଥିଲେ। ଏମାନଙ୍କ ନାମରେ ବିଭିନ୍ନ ଥାନାରେ ୧୫ରୁ ଉର୍ଦ୍ଧ୍ୱ ଚୋରି, ଡକାୟତି, ରାହାଜାନୀ କେଶ୍ ଆଦି ରହିଅଛି। ଏହି ଗ୍ୟାଙ୍ଗ୍ ନାଟକୀୟ ଢ଼ଙ୍ଗରେ ବିଭିନ୍ନ ଅଞ୍ଚଳରେ ଘୁଷୁରୀ ଓ ମେଣ୍ଢା ଚରାଇବା ଆଳରେ ପହଞ୍ଚି କିଛି ଦିନ ସେହି ଅଞ୍ଚଳରେ ରହିବାପରେ ଘର ଲୋକଙ୍କ ଗତିବିଧିକୁ ଲକ୍ଷ୍ୟ ରଖି ରାତିଅଧରେ ସେମାନଙ୍କ ଘରେ ପଶି ଘରର ତାଲା ଭାଙ୍ଗି ସୁନା ରୂପା ଅଳଂକାର ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଲୁଟିଥାନ୍ତି। ଏହି ର୍ୟାକେଟ୍ କିଛିଦିନ ହେବ କଟକ ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାରେ ଆତଙ୍କ ଖେଳାଇଥିଲେ। ଏହି ଗ୍ୟାଙ୍ଗକୁ ଧରିବାପାଇଁ କଟକ ଗ୍ରାମାଞ୍ଚଳ ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ନଗଦ ୮୨ହଜାର ଟଙ୍କା, ୫୦ଗ୍ରାମ ସୁନା, ୯୦୦ଗ୍ରାମ ରୂପା, ଗୋଟିଏ ମୋବାଇଲ୍ ଫୋନ୍, ଏଲ୍.ଆଇ.ସି. ବଣ୍ଡ, ଏ.ଟି.ଏମ୍. କାର୍ଡ, ଏକ ଶାବଳକୁ ପୁଲିସ ଜବତ କରିଥିବା ଜଣାଯାଇଛି। କିଛି ଦିନ ତଳେ ଏହି ଗ୍ୟାଙ୍ଗ୍ ନେମାଳ ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ମାନଗୋବିନ୍ଦ ଦାସଙ୍କ ଘରେ ଗତ ମାର୍ଚ୍ଚ ୨୭ତାରିଖରେ ଘରେ ପଶି ପରିବାର ଲୋକ ଶୋଇଥିବା ବାହାରପଟୁ ବନ୍ଦ କରି ଅନ୍ୟ ରୁମ୍‌ରୁ ସୁନା ରୂପା ଅଳଂକାର, ନଗଦ ଟଙ୍କା, ଏ.ଟି.ଏମ୍. କାର୍ଡ, ଏଲ୍.ଆଇ.ସି. ବଣ୍ଡ, ଜମି ପଟ୍ଟା ଆଦି ଲୁଟି ନେଇଥିଲେ। ସେହିପରି ସମାନ ଢ଼ଙ୍ଗରେ ସାଲେପୁର ଥାନା ଅଞ୍ଚଳରେ ଏହି ଲୁଟେରା ଗ୍ୟାଙ୍ଗ୍ ଏହି କାଣ୍ଡ ଘଟାଇଥିଲେ। ଏହି ଲୁଟେରା ଗ୍ୟାଙ୍ଗ୍‌କୁ ଧରିବାପାଇଁ ଗ୍ରାମାଞ୍ଚଳ ଏସ୍.ପି. ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା।

# କୋରାପୁଟ ସାଂସଦ ସପ୍ତଗିରି ଉଲାକା ଙ୍କ ସାମ୍ବାଦିକ ସମ୍ମିଳନୀ

ଜୟପୁର ,(ପି.ଏନ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଡାକ ବଙ୍ଗଳା ଠାରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା ଏକ ସାମ୍ବାଦିକ ସମ୍ମିଳନୀ କରି କୋଡ଼ିଙ୍ଗା ମାଳି ଖଣି ଖନନ କୁ ଘୋର ବିରୋଧ କରିଛନ୍ତି, ବିଜେପି ସରକାର ଙ୍କ ଡବଲ ଇଞ୍ଜିନ ସରକାର ଗରିବ ଆଦିବାସୀ ଙ୍କୁ ଶୋଷଣ କରୁଛନ୍ତି, ଗରିବ ଆଦିବାସୀ ମାନଙ୍କ ର ଜଙ୍ଗଲ ଜମି



କୁ ଛଡାଇ ନେଉଛି,ସରକାର କମ୍ପାନୀ ମାନଙ୍କୁ ହାତ ବାରିସୀ କରି କୋରାପୁଟ ରେ ରହିଥିବା ଖଣିଜ ପ୍ରଦାର୍ଥ କୁ ଲୁଟ କରୁଛି କ୍ଷ ଯେଉଁ ଅଞ୍ଚଳ ରୁ ଖଣି ଖନନ କରାଯାଉଛି,ସେଇ ଅଞ୍ଚଳ ରେ କମ୍ପାନୀ ଓ ସରକାର ଙ୍କ ତରଫରୁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରିବା କଥା କିନ୍ତୁ ସେମିତି କିଛି ଆଖି ଦୃଷ୍ଟିଆ ଉନ୍ନତି ମୂଳକ କାର୍ଯ୍ୟ କରାଯାଇନାହିଁ,ଲକ୍ଷ୍ମୀପୁର ଠାରେ ରହିଥିବା କୋଡ଼ିଙ୍ଗା ମାଳି ଖଣି ଖନନ ଯୋଗୁ ଲକ୍ଷ୍ମୀପୁର ଅଞ୍ଚଳ ରେ ବାୟୁ ପ୍ରଦୂଷଣ ହେଉଛି, ଜଳ ସ୍ତର କମି ଯାଉଛି, ଯାହା ଫଳରେ ଚାଷ ବାସ ହେଉନାହିଁ, ଅଞ୍ଚଳ ବାସି ବାଧ ହୋଇ ଦାଦନ ଖଟିବା ପାଇଁ ବାହାର ରାଜ୍ୟ କୁ ଯାଉଛନ୍ତି,ସରକାର କମ୍ପାନୀ ମାନଙ୍କୁ ହାତ ବାରିସୀ କରି ନିର୍ଦ୍ଧାରିତ ଖଣି ଖନନ ଠାରୁ ଅଧିକ ମାତ୍ରା ରେ ଖଣି ଖନନ କରୁଛନ୍ତି,ଯାହା ଦ୍ୱାରା ରାଜସ୍ୱ ହାନି ହେଉଛି,ସରକାର ପ୍ରଥମେ ସେ ଅଞ୍ଚଳ ରେ କାରଖାନା ସ୍ଥାପନ କରନ୍ତୁ ପରେ ଖଣି ଖନନ କରନ୍ତୁ,କମ୍ପାନୀ ପ୍ରତିଷ୍ଠା ହେଲେ ଅଞ୍ଚଳ ର ଯୁବକ ଯୁବତୀ ମାନେ ନିଯୁକ୍ତି ପାଇ ପାରିବେ ଯାହା ଦ୍ୱାରା ସେମାନଙ୍କ ଜୀବନ ଜୀବିକା ରେ ସୁଧାର ଆସିବ ଯଦି ସରକାର କମ୍ପାନୀ ନ କରି ଖଣି ଖନନ କରନ୍ତି ତେବେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସାଂସଦ ସପ୍ତଗିରି ଉଲାକା କହିଛନ୍ତି ଏହି ସାମ୍ବାଦିକ ସମ୍ମିଳନୀ ରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଯୁବ ନେତା ତଥା ଆଇନଜୀବି ରୂପକ ତୁରୁକ,ମନୋଜ ଆଚାର୍ଯ୍ୟ ଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଆଦାନୀ ଡିଏଭି ପବ୍ଲିକ ସ୍କୁଲରେ ପ୍ରବେଶ ଉତ୍ସବ

ଧାମରା, (ପି.ଏନ): ଭଦ୍ରକ ଜିଲା କୁଆମରାସ୍ଥିତ ଆଦାନୀ ଡିଏଭି ପବ୍ଲିକ ସ୍କୁଲରେ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ଶିକ୍ଷୟିତ୍ରୀ ଗାୟତ୍ରୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାୟ ୧୪୦ ଜଣ ନବାଗତ ଛାତ୍ରଛାତ୍ରୀଙ୍କ ଅଭିଭାବକ ଏହି ଅବସରରେ ଉପସ୍ଥିତ ଥିଲେ । ସୁଶ୍ରୀ ଉଷଶ୍ରୀ ବେହେରା ଅଭିଭାବକମାନଙ୍କୁ ସ୍ୱାଗତ କରିବା ସହିତ ଏହିଦିନର ଗୁରୁତ୍ୱ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶ୍ରୀମତୀ ତସ୍ନିମ୍ କୌଶର ସ୍କୁଲର ଆଶା ଓ ଆକାଂକ୍ଷା ବିଷୟରେ ଅଭିଭାବକଙ୍କୁ ଅନେକ ଉପଯୁକ୍ତ ସୂଚନା ଦେଇଥିଲେ । ସେ ନୂତନ ଶିକ୍ଷାନୀତି ୨୦୨୦ ବିଷୟରେ ବାଖ୍ୟା



କରିଥିଲେ । ଅଭିଭାବକଙ୍କୁ ବିଦ୍ୟାଳୟର ନିୟମ, ବିଧି, ଆଚରଣ ଓ ଉଚିତ ଆଚରଣ ଏବଂ ତାଙ୍କର ଦାୟିତ୍ୱ ବିଷୟରେ ସଚେତନ କରିଥିଲେ । ଜଣେ ଅଭିଭାବକଙ୍କ ଦାୟିତ୍ୱପୂର୍ଣ୍ଣ ଏକ ପ୍ରେରଣାଦାୟୀ ଭିଡିଓ ପ୍ରଦର୍ଶନ କରାଯାଇଥିଲା । ବିଦ୍ୟାଳୟ ଅଧକ୍ଷା କୃଷ୍ଣପ୍ରିୟା ଷଡଙ୍ଗୀ ସମସ୍ତ ଅଭିଭାବକଙ୍କୁ ଏହି ନବାଗତ ବିଦ୍ୟାର୍ଥୀମାନଙ୍କ ସାମଗ୍ରିକ ବିକାଶରେ ସାହାଯ୍ୟକାରୀ ହେବାକୁ ଉପଦେଶ ଦେଇଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଜୁନ ୩**

# ମାନସିକ ଅବସାଦରୁ ମୁକ୍ତି ପାଇଁ ପରିବାରର ଭୂମିକା



ଶିବମ୍ ପଟ୍ଟନାୟକ

ଆମେ ବେଳେ ବେଳେ କଥା ପ୍ରସଙ୍ଗରେ ଅନ୍ୟକୁ କହିଥାଉ କି – ତୋର ମୁଣ୍ଡ ଖରାପ ହୋଇଯାଇଛି କି କ୍ଷ ତେବେ ଜାଣତରେ ହେଉ ବା ଅଜାଣତରେ ଆମେ ମାନସିକ ସ୍ୱାସ୍ଥ୍ୟ କଥା ହିଁ କହିଥାଉ କ୍ଷ ଏହି କଥାକୁ ସମସ୍ତେ ହାଲୁକା ଭାବରେ ନେଇଥାନ୍ତି କ୍ଷ ମାତ୍ର ଆମକୁ ବୁଝିବାକୁ ହେବ ଯେ ଜଣେ ବ୍ୟକ୍ତିର ଜୀବନରେ ମାନସିକ ସ୍ୱାସ୍ଥ୍ୟ ର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ କ୍ଷ ମାନସିକ ସ୍ୱାସ୍ଥ୍ୟ ଜଣେ ମଣିଷର ଆଚାର, ବିଚାର, କାର୍ଯ୍ୟଶୈଳୀ , ମାନସିକ ଦକ୍ଷତା , ବ୍ୟବହାର ସବୁକୁ ନିୟନ୍ତ୍ରଣ କରିଥାଏ କ୍ଷ ଆମର ଶାସ୍ତ୍ର ପୁରାଣ ମାନଙ୍କରେ ମଣିଷର ଶରୀର କୁ ଓଲଟବୃକ୍ଷ ଭାବରେ ଚିତ୍ରଣ କରାଯାଇଛି କ୍ଷ ଅର୍ଥାତ୍; ଗୋଟେ ବୃକ୍ଷର ମୂଳ ଯେଉଁଭଳି ଭାବରେ ମାଟିରେ ନିହିତ ଥାଇ ତାକୁ ସମସ୍ତ ଆବଶ୍ୟକୀୟ ପୋଷକତତ୍ତ୍ୱ ଯୋଗାଇବା ସହିତ ତାର କ୍ରିୟା, ପ୍ରକ୍ରିୟା କୁ ନିୟନ୍ତ୍ରଣ କରିଥାଏ , ଠିକ୍ ସେହିଭଳି ଭାବରେ ମଣିଷର ମସ୍ତିଷ୍କ ଶରୀରର ଉପର ଭାଗରେ ଥାଇ ମଧ୍ୟ ତାର ବିଭିନ୍ନ ସ୍ନାୟବିକ ପ୍ରକ୍ରିୟା ଦ୍ୱାରା ଆମର ସମସ୍ତ ଶାରୀରିକ ତଥା ମାନସିକ କାର୍ଯ୍ୟକଳାପ କୁ ନିୟନ୍ତ୍ରଣ କରିଥାଏ ।

ଗବେଷଣା କୁହେ – ; ଯଦି ଜଣେ ପ୍ରତେହ ଯୋଗ, ଧ୍ୟାନ, ପ୍ରାଣାୟମ , ବ୍ୟାୟାମ, ପୁସ୍ତକ ପାଠ କରିବା, ସ୍ତୋତ୍ର ମନ୍ତ୍ର ଆଦି ଉଚ୍ଚାରଣ କରିବା ଅଭ୍ୟାସ କରେ ; ତେବେ ଏହା ଦ୍ୱାରା ତାର ବୌଦ୍ଧିକ ବିକାଶ ଘଟିବା ସହିତ ମାନସିକ ସ୍ୱାସ୍ଥ୍ୟ ରେ ଅଭିବୃଦ୍ଧି ଘଟିଥାଏ। ବ୍ୟକ୍ତିର ଆନ୍ତରିକ ଉର୍ଜା ର ପ୍ରକାଶ ଘଟିବା ସହିତ ତା ଭିତରେ ଥିବା ସୃଜନଶୀଳତା, ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ଘଟିଥାଏ ।। ମସ୍ତିଷ୍କ ରେ ଥିବା ପିନିଆଲ୍ ଗ୍ରନ୍ଥିରୁ ଅକ୍ସିଟୋସିନ, ଡୋପାମିନ୍, ସେରିନ୍ ଭଳି ଭଲ ସ୍ନାୟୁ ରସ କ୍ଷରଣ ହୋଇ ମସ୍ତିଷ୍କ କୁ ସୁସ୍ଥ ତଥା ସତେଜ ରଖିବା ପାଇଁ ସାହାଯ୍ୟ କରେ କ୍ଷ ଆମ ଭାରତୀୟ ପରମ୍ପରାରେ ପ୍ରାଚୀନ କାଳରୁ ଗ୍ରାମ୍ୟ ଜୀବନର ବସବାସ କରିବା, ଗୁରୁଜନଙ୍କ ଉପଦେଶ ମାନି ଚଳିବା , ଅବସର ସମୟରେ ସନ୍ଧ୍ୟା ସମୟରେ ଭାଗବତ ପାଠ କରିବା, ପୁରାଣ ଚର୍ଚ୍ଚା କରିବା ଆଦି ପ୍ରଚଳିତ ଥିଲା । ଫଳରେ ଆମ ସମାଜରେ ଲୋକ ମାନଙ୍କ ମଧ୍ୟରେ ନିଦ୍ରା ହୀନତା, ମାନସିକ ଅବସାଦ, ମାନସିକ ଚାପ, ଦୁଶ୍ଚିନ୍ତା ଭଳି ସମସ୍ୟା ନଥିଲା । ଯୌଥ ପରିବାରର ପ୍ରଚଳନ କାହିଁ କେତେ କାଳରୁ ରହି ଆସିଥିଲା ଆମ ସମାଜରେ କ୍ଷ ଯୌଥ ପରିବାରରେ ନିଜ ସମ୍ପର୍କୀୟ ମାନଙ୍କ ଗହଣରେ ଜଣେ ଯେତେବେଳେ ଥାଏ , ସେଠି ବ୍ୟକ୍ତି ଜଣକ ନିଜ ଲୋକ ମାନଙ୍କର ସମ୍ପୂର୍ଣ୍ଣ ସମର୍ଥନ ପାଇଥାଏ କ୍ଷ ସମସ୍ତେ ସମସ୍ତଙ୍କର ସୁଖ, ଦୁଃଖ ରେ ସହଭାଗୀ ହେଉଥିବାରୁ କାହାରି ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇନଥାଏ କ୍ଷ ମାତ୍ର କାଳକ୍ରମେ ସମାଜର ଆଧୁନୀକରଣ, ପାଶ୍ଚାତ୍ୟ ସଂସ୍କୃତିର ଅନୁଶୀଳନ, ପାରିବାରିକ ବିବାଦ, ପରିବାର ଭିତରେ ବଢୁଥିବା ଫାଟ ଯୋଗୁଁ ଏକକ ପରିବାର ସଂଖ୍ୟାରେ ବୃଦ୍ଧି ଘଟିଛି ।ବିଶେଷଜ୍ଞ ମାନଙ୍କ ମତରେ ନିଃସଙ୍ଗତା , ଏକକ ପରିବାର ରେ ବାସ କରିବା ମାନସିକ ଚାପ, ସମସ୍ୟା ବୃଦ୍ଧିର ଏକ ପ୍ରମୁଖ କାରଣ । ଆମେ ବର୍ତ୍ତମାନ ଏକ ଏଭଳି ସମୟର ଆସି ପହଞ୍ଚିଛେ ଯେଉଁଠି ଆମ ପାଖରେ ଫେସବୁକ୍ ରେ ତ ଦଶହଜାର ବନ୍ଧୁ ଅଛନ୍ତି କ୍ଷ ମାତ୍ର ନିଜ ଭାଇ, ଭଉଣୀ ମାନଙ୍କ ସହିତ ସମ୍ପର୍କ ନାହିଁ । ଆମେରିକା ତଥା ଇଉରୋପ ଭଳି ଆମେ ମଧ୍ୟ ସମ୍ପର୍କରେ ଆଉ ପରସ୍ପରର ଭାବନାକୁ ସମ୍ମାନ ଦେଉନାହୁଁ । ଫଳରେ ମାନସିକ ସମସ୍ୟା, ଆତ୍ମହତ୍ୟା ଭଳି ଏକ ଚରମ ପଦକ୍ଷେପରେ ପରିଣତ ହେଉଛି । ତେଣୁ ଆମକୁ ମାନସିକ ଅବସାଦ ଦୂରୀକରଣ କ୍ଷେତ୍ରରେ ପରିବାରର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଉପଲବ୍ଧି କରିବାକୁ ହେବ। କ୍ଷ ପରିବାର ରେ ପରସ୍ପର ସ୍ନେହ, ପ୍ରେମ ଶ୍ରଦ୍ଧା, ଆଦର ଓ ଭଲପାଇବା ଦ୍ୱାରା ମାନସିକ ଅବସାଦର ବିନା ଔଷଧରେ ଚିକିତ୍ସା ସମ୍ଭବ ।

*କଳନ୍ତିରା, ବିରିଡି, ଜଗତସିଂହପୁର , ୭୫୪୧୩୦*
*ମୋ : ୯୦୭୮୨୦୫୭୭୭*

# ବିଚାରପତି ଗତିକୃଷ୍ଣ ମିଶ୍ର

***ସୌର ଚନ୍ଦ୍ର ମହାପାତ୍ର***

ଆଇନ ଅଦାଲତ ଦୁନିଆରେ ଜଷ୍ଟିସ ଗତିକୃଷ୍ଣ ମିଶ୍ର ଏକ ସୁପରିଚିତ ନାମ। ନିରପେକ୍ଷ, ନ୍ୟାୟପୂର୍ଣ୍ଣ ବିଚାର ପାଇଁ ସେ ପ୍ରସିଦ୍ଧ ଥିଲେ। ରେଭେନ୍ସା ମହାବିଦ୍ୟାଳୟରେ ବିଜ୍ଞାନରେ ଇଣ୍ଟରମିଡ଼ିଏଟ ଉତ୍ତୀର୍ଣ୍ଣ ହେବା ପରେ, ପାଟନା ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ସ୍ନାତକୋତ୍ତର ଓ ଆଇନ ପଢ଼ିଥିଲେ। ୧୯୪୦ରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ୧୯୪୩ରେ ମୁନସ। ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ପରେ ଚାକିରିରୁ ଇସ୍ତଫା ଦେଇ ପୁନର୍ବାର ଓକିଲାତି କରିଥିଲେ। ଅସାଧାରଣ ପ୍ରତିଭା, କର୍ମନିଷ୍ଠା ଓ ପାରଦର୍ଶିତା ଯୋଗୁଁ ସରକାର, ତାଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦେଇଥିଲେ। ୧୯୬୯ରେ ସେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଆସନ ଅଳଂକୃତ କରିଥିଲେ। ମୁଖ୍ୟ ବିଚାରପତି ଥିବାବେଳେ ୧୯୭୨ ଓ ୧୯୭୪ରେ ଆମ ରାଜ୍ୟର କାର୍ଯ୍ୟକାରୀ ରାଜ୍ୟପାଳ ଦାୟିତ୍ୱ ତୁଲାଇଥିଲେ। ନ୍ୟାୟ ବ୍ୟବସ୍ଥାରେ ପରିବର୍ତ୍ତନ ଓ ସଂସ୍କାର ଦ୍ୱାରା ଲୋକଙ୍କୁ ନ୍ୟାୟ ମିଳିପାରିବ ଏବଂ ଏଥିପାଇଁ ଓକିଲଙ୍କୁ ତାଲିମ ତଥା ତ୍ୱରାନ୍ୱିତ ବିଚାର ବ୍ୟବସ୍ଥା ପାଇଁ ଅଧିକ ଲୋକ ଅଦାଲତ ପ୍ରତିଷ୍ଠାର ଆବଶ୍ୟକତା ସପକ୍ଷରେ ସେ ଦୃଢ଼ ମତ ପୋଷଣ କରୁଥିଲେ। ୧୯୧୩ ଅକ୍ଟୋବର ୩୧ ତାରିଖ ଦିନରେ ଢ଼େଙ୍କାନାଳ ଜିଲ୍ଲା ଗଇଲୋ ଗ୍ରାମରେ ନ୍ୟାୟମୂର୍ତ୍ତି ଗତିକୃଷ୍ଣ ମିଶ୍ର ଜନ୍ମ ଗ୍ରହଣ କରିଥିଲେ। ଆଜିର ଭାରତର ନ୍ୟାୟିକ ବ୍ୟବସ୍ଥା ଓ ବିଳମ୍ବିତ ନ୍ୟାୟକୁ ନେଇ ଯେଉଁପରି ଉଦ୍‌ବେଗଜନକ ପରିସ୍ଥିତି ବେଳେ ବେଳେ ସୃଷ୍ଟି ହେଉଛି ଏପରି ସମୟରେ ବିଚାରପତି ଗତିକୃଷ୍ଣ ମିଶ୍ରଙ୍କ ଆଦର୍ଶଣୀୟ ବିଚାରବନ୍ତ ନ୍ୟାୟ ପଦ୍ଧତିର ଜୀବନ ପ୍ରତିଟି ଆଇନଜୀବୀଙ୍କ ପାଇଁ ସ୍ମରଣୀୟ। ତୀକ୍ଷ୍ଣ ବୁଦ୍ଧି ଆଇନର ସୂକ୍ଷ୍ମାତିସୂକ୍ଷ୍ମ ଓ ଜଟିଳ ଆଇନ କ୍ଷେତ୍ର ଉପରେ ତାଙ୍କର ଅଗାଧ୍ୟ ପାଣ୍ଡିତ୍ୟ ଥିଲା। ତାଙ୍କ ନିରଳସ, ନିରାଡ଼ମ୍ବର, ସରଳ ଜୀବନ ଓ ଯୁବ ଆଇନଜୀବୀଙ୍କ ପାଇଁ ସେ ଯେଉଁପରି ଉଚିତ ନ୍ୟାୟ ପଦ୍ଧତିର ମାର୍ଗ ଦେଖାଉଥିଲେ ତାହାକୁ ଆଜିର ଦିବସରେ ସ୍ମରଣ କରିବା ଅତ୍ୟନ୍ତ ପ୍ରାସଙ୍ଗିକ।

***ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ***
***ନ୍ତସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ***

# ରେଳବାଇକୁ ଶନିଦଶା !



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଆନ୍ଧ୍ର ପ୍ରଦେଶର ବିଜୟନଗମର ଜିଲ୍ଲାରେ ଟ୍ରେନ ଦୁର୍ଘଟଣା, ଯେଉଁଥିରେ ୧୩ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବାବେଳେ ୩୮ଜଣ ଆହତ ହୋଇଥିଲେ, କେବଳ ବାଲେଶ୍ୱର ଜିଲ୍ଲାର ବାହାନଗା ରେଳ ଦୁର୍ଘଟଣାର ଦୁଃଖଦ ପରିସ୍ଥିତିକୁ ମନେ ପକାଇ ଦେଇନାହିଁ, ରେଳ ନିରାପତା ବ୍ୟବସ୍ଥାରେ ତ୍ରୁଟି, ଅପରାଗତା ପୁରି ପଦାରେ ପକାଇ ଦେଇଛି ବୋଲି କୁହାଯାଇପାରିବ। କେବଳ ଏତିକି ନୁହେଁ, ବିଜୟନଗରମ୍ ଜିଲ୍ଲାର କଂଟକାପାଲ୍ଲିଠାରେ ଘଟିଥିବା ରେଳ ଦୁର୍ଘଟଣା ମଣିଷକୃତ ବୋଲି ଖୋଦ ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। କଂଟକାପାଲୀ ଷ୍ଟେସନରେ ବିଶାଖାପାଟନମ୍-ପଲାସା ଟ୍ରେନ ଛିଡା ହୋଇଥିବାବେଳେ ପଛପଟୁ ବିଶାଖାପାଟଣାମ୍-ରାୟଗଡା ଯାତ୍ରୀ ଟ୍ରେନ ଧକ୍କା ଦେଇଥିଲା। ତହିଁରେ ଉଭୟ ଟ୍ରେନର ଦୁଇଟି ଲେଖାଏଁ ବଗି ଲାଇନ୍‌ଚ୍ୟୁତ ହୋଇଥିଲା। ସ୍ମରଣ କରାଯାଇପାରେ ଯେ, ଗତ ଜୁନ ମାସରେ ବାଲେଶ୍ୱର ଜିଲ୍ଲାର ବାହାନଗାଠାରେ ତିନୋଟି ଟ୍ରେନ ମଧ୍ୟରେ ଧକ୍କାର ହୃଦୟ ବିଦାରକ ଦୁର୍ଘଟଣା ପରେ ଏହା ମାତ୍ର ଚାରି ମାସ ପରେ ସମାନ ଢଙ୍ଗରେ ଦ୍ୱିତୀୟ ବଡ ଧରଣର ଦୁର୍ଘଟଣା। ଯେଉଁଠାରେ ୨୭୫ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବାବେଳେ ଶହଶହ ଯାତ୍ରୀ ଆହତ ହୋଇଥିଲେ। ଉଭୟ ଦୁର୍ଘଟଣାର ମାନବାକୃତ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି ବୋଲି କୁହାଯାଇପାରେ। ଚାରିମାସ ମଧ୍ୟରେ ଦୁଇଟି ରେଳ ଦୁର୍ଘଟଣା ମାନବକୃତ ବୋଲି କୁହାଯାଉଥିବାବେଳେ ସମାନ ଢଙ୍ଗରେ କିଭଳି ତାହା ବାରମ୍ବାର ଘଟୁଛି, ଏବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ବାହାନଗାରେ ଭୟାବହ ଟ୍ରେନ ଦୁର୍ଘଟଣା, ଯାହାକୁ କି ଦେଶର ସବୁଠାରୁ ଭୟାନକ, ଏପରି ଘଟଣାର ଆଉ ପୁନରାବୃତି ହେବ ନାହିଁ ବୋଲି ରେଳବାଇ କିମ୍ବା ସରକାର ଜନସାଧାରଣଙ୍କୁ ନିର୍ଭର ପ୍ରତିଶ୍ରୁତି ଦେବା ଭଳି କୌଣସି ଫଳପ୍ରଦ ପଦକ୍ଷେପ କିମ୍ବା ଅଭିଯାନ ଗ୍ରହଣ କରିନଥିବା କଂଟକାପାଲ୍ଲୀ ଦୁର୍ଘଟଣା ସଂକେତ ପ୍ରଦାନ କରୁଛି ବୋଲି କହିଲେ ଭୁଲ ହୋଇନପାରେ। ଏହା ସତ୍ୟ ଯେ, ଭାରତୀୟ ରେଳବାଇ ହେଉଛି ବିଶ୍ୱର ସବୁଠାରୁ ବୃହତମ ରେଳନେଟୱାର୍କ ଏବଂ ଯାତ୍ରୀ ପରିବହନ କ୍ଷେତ୍ରରେ ସର୍ବବୃହତ ମାଧ୍ୟମ ୭ହଜାର ୫୦୦ରୁ ଉର୍ଦ୍ଧ୍ୱ ଯାତ୍ରୀବାହୀ ଟ୍ରେନ ଦୈନିକ ଚଳାଚଳ କରୁଥିବାବେଳେ ଏଥିରେ ୨୦କୋଟିରୁ ଅଧିକ ଯାତ୍ରୀ ଯାତାୟତ କରିଥାନ୍ତି। ସେହିପରି ୬ହଜାରରୁ ଉର୍ଦ୍ଧ୍ୱ ମାଲବାହୀଟ୍ରେନ ମଧ୍ୟ ଚଳାଚଳ କରିଥାଏ। ଯେଉଁଥିରେ ଲକ୍ଷ ଲକ୍ଷ ମେଟ୍ରିକ ଟନ୍ ମାଲ ଦୈନିକ ପରିବହନ ହୋଇଥାଏ। ରେଳବାଇ ରାଜସ୍ୱ ଆୟ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସତ୍ତ୍ୱେ ଯାତ୍ରୀ ନିରାପତା ପ୍ରତି ବିଭାଗ ସମ୍ପୂର୍ଣ୍ଣ ଆଖିବୁଜି ଦେଇଛି ବୋଲି କହିଲେ ଅତିରଂଜିତ ହେବ ନାହିଁ। ଏବେ ସରକାର ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ ଚଳାଚଳରୁ ଏକ ପ୍ରମୁଖ ସଫଳତା ବୋଲି ଡିଣ୍ଡିମ ପିଟୁଥିବାବେଳେ ଯାତ୍ରୀ ଓ ମାଲପରିବହନ ନିରାପତା ପ୍ରତି ଯେତିକି ଦୃଷ୍ଟି, ଧ୍ୟାନ ଏବଂ ଅଗ୍ରାଧିକାର ଦେବା କଥା ତାହା ଦେଉନଥିବା ମନେହୁଏ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଗତ ୯ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୪ରୁ ୨୦୨୩ ମଧ୍ୟରେ ଛୋଟବଡ ୧୨୧ଟି ଦୁର୍ଘଟଣା ଘଟିଥିବା ଏକ ରିପୋର୍ଟରୁ ଜଣାଯାଇଛି। ରେଳ ଲାଇନଚ୍ୟୁତ ହେବା ଏକ ନିୟମିତ ଘଟଣାରେ ପରିଣତ ହୋଇଥିବାବେଳେ କେଉଁଠି ଟ୍ରେନରେ ନିଆଁ ଲାଗିଗଲାଣି ତ କେଉଁଠି ବଗି ଛାଡି ଇଂଜିନ ଚାଲିଗଲାଣି। ସେହିପରି ଟ୍ରେନ ପଥଭ୍ରଷ୍ଟ ଅର୍ଥାତ ବାଟବଣା ହୋଇ ଲକ୍ଷ୍ୟସ୍ଥଳ ପରିବର୍ତ୍ତେ ଅନ୍ୟତ୍ର ଚାଲିଯାଉଥିବା ଖବର ଗଣମାଧ୍ୟମର ଶିରୋନାମା ପାଲଟିଛି। ଏଥିରୁ ରେଳ କର୍ମଚାରୀଙ୍କ ଠାରୁ ଅଫିସର କର୍ମକର୍ତ୍ତା, କେତେ ତତ୍ପର ତାହା ସ୍ପଷ୍ଟ ବୁଝାପଡେ। ଏଥିରେ ସନ୍ଦେହନାହିଁ ଯେ, ୨୦୨୩ରେ ରେଳବାଇ ଯେଉଁ ଭଳି ସଂକଟ ସମସ୍ୟାର ସମ୍ମୁଖୀନ ହୋଇଛି, ପୂର୍ବରୁ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥିଲା ପରି ମନେ ହେଉନାହିଁ। ସଂକ୍ଷେପରେ ଭାରତୀୟ ରେଳବାଇକୁ ଏବେ ଶନିଦଶା ଗ୍ରାସ କରିଛି ବୋଲି କୁହାଯାଇପାରେ। କହିବା ଅଯଥାର୍ଥ ହେବ ନାହିଁ ଯେ, ଯାତ୍ରୀ ନିରାପତା ହେଉଛି ରେଳବାଇର ପ୍ରଥମ ଏବଂ ପ୍ରଧାନ କର୍ତବ୍ୟ ମାତ୍ର ଏଥିପ୍ରତି ଆଖିବୁଜା ଦେଇଥିବା କ୍ରମାଗତ ଘଟଣାବଳି ସଂକେତ ପ୍ରଦାନ କରେ। ଯେଉଁସବୁ କ୍ରମାଗତ ସଂକଟ ଓ ସମସ୍ୟା ଦୈନନ୍ଦିନ କାର୍ଯ୍ୟରେ ଲାଗି ରହିଛି, ସେ ନେଇ ରେଳବାଇ ବିଶ୍ଳେଷଣ କରିବା ଉଚିତ। ସିଗନାଲ ସିଷ୍ଟମ ଏବଂ ଟେଲିକମ୍ୟୁନିକେସନର ଅପଗ୍ରେଡେସନ ପ୍ରତି ରେଳବାଇ ଯଥେଷ୍ଟ ଗୁରୁତ୍ୱ ଦେଉନାହିଁ, ଯାହାକି ସିଗନାଲ ତୃଟିରୁ ଦୁର୍ଘଟଣା ମୁଖ୍ୟ କାରଣ ହୋଇଛି। ଗତ ୨୦୦୦ ମସିହାରୁ ସମସ୍ତ ଟ୍ରେନରେ ଆଂଟି କୋଅଲିସନ ସିଷ୍ଟମ ଲାଗୁପାଇଁ ନିଷ୍ପତି ହୋଇଥିଲେ ମଧ୍ୟ ଯେତିକି ଟ୍ରେନରେ ଲାଗିଛି, ତାହା ସମୁଦ୍ରକୁ ଶଙ୍ଖେ। ସେହିପରି ରେଳ ନିରାପତାରେ ସମ୍ପୃକ୍ତ ୫୩ହଜାରରୁ ଅଧିକ ପଦବୀ ଖାଲି ପଡିଛି। ୧୧ ହଜାରରୁ ଉର୍ଦ୍ଧ୍ୱ ଲେବଲ କ୍ରସିଂ ଫାଟକ ଇଂଟରଲକିଂ ହୋଇପାରିନଥିବାବେଳେ ମାନବକୃତ ଦୁର୍ଘଟଣା ଏଡାଇବା ପାଇଁ ୬୪୨୭ ଷ୍ଟେସନରେ ଇଲେକୋଟ୍ରୋନିକ୍ ଇଂଟରଲକିଂ ସିଷ୍ଟମ ବର୍ତମାନ ସୁଦ୍ଧା କାର୍ଯ୍ୟକାରୀ କରିବାରେ ବିଭାଗ ବିଫଳ ହୋଇଛି। ରେଳବାଇର ଗୁରୁତ୍ୱପୂର୍ଣ୍ଣ ନିରାପତା ବ୍ୟବସ୍ଥାର ଅପଗ୍ରେଡେସନ୍ ପାଇଁ ରାଷ୍ଟ୍ରୀୟ ରେଳ ସର୍ଣ୍ଣାକ୍ଷ କୋଷ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛି। ଏହା ବ୍ୟତୀତ ରେଳ ଦୁର୍ଘଟଣାର ତଦନ୍ତ ହେଉଛି, କାରଣ ଖୋଜାଯାଉଛି। କେବଳ ତଳିଆ କର୍ମଚାରୀ ଦଣ୍ଡିତ ହେଉଥିବାବେଳେ ବଡବଡିଆ ଖସି ଯାଉଛନ୍ତି। ବରିଷ୍ଠ ରେଳବାଇ ମ୍ୟାନେଜମେଂଟକୁ ଉତରଦାୟୀ କରିବା ପାଇଁ ପଦକ୍ଷେପ ନେବା ଜରୁରୀ। ଅନ୍ୟଥା ରେଳବାଇକୁ ଦୁର୍ଦ୍ଦଶା ଛାଡିବ ନାହିଁ। ନିୟମିତ କିଛି ନା କିଛି ଅଘଟଣ ସତ୍ତ୍ୱେ ରେଳବାଇ ଚେତିବ କେବେ? ଏହା ହିଁ ଏବେ ମୁଖ୍ୟ ପ୍ରଶ୍ନ।

**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧,**
**ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩,**
**ଶିଶୁପାଳଗଡ,-୭୫୧୦୦୨**
**ମୋ ନଂ-୯୪୩୭୯୯୪୩୭୯**

# 'ଡିପ୍‌ଫେକ୍'ରୁ ବିପତି



ଉମାଶଙ୍କର ପ୍ରସାଦ

ଡିପ୍‌ଫେକ୍' କହିଲେ ବୈଷୟିକ କୌଶଳ ମାଧ୍ୟମରେ କୌଣସି ଭିଡିଓର ମୌଳିକ ଦୃଶ୍ୟ ଓ ଶ୍ରାବ୍ୟ (ଭିଡିଓ ଓ ଅଡିଓ) ବିଷୟ(କଂଟେଟ୍) ପରିବର୍ତନ କରି ନକଲ ପ୍ରସ୍ତୁତିକୁ ବୁଝାଯାଏ। 'ଫେକ ନିଉଜ'କୁ 'ଅସତ୍ୟ ସମ୍ବାଦ' କୁହାଗଲେ 'ଡିପ୍‌ଫେକ୍'କୁ 'ଅସତ୍ୟ ଦୃଶ୍ୟ' ଭାବରେ ନାମିତ କରାଯାଇପାରେ। 'ଡିପ୍‌ଫେକ୍' ଭିଡିଓ ମେସିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସିର ଜଟିଳ ସୂତ୍ରାବଳୀ ଆଧାରିତ। ଏଭଳି ସଫ୍ଟୱେର ସହଜରେ ଓ ମାଗଣାରେ ଡେସ୍କଟପ ଓ ସ୍ମାର୍ଟଫୋନ ଆପ ଆକାରରେ ଜାନୁୟାରୀ ୨୦୧୮ରୁ ସର୍ବସାଧାରଣରେ ଉପଲବ୍ଧ। ନଭେମ୍ବର ୨୦୨୨ରେ ଜେନେରେଟିଭ ଆର୍ଟିଫିସିଆଲ ଇଂଟିଲିଜେନ୍ସିର ଲୋକାର୍ପଣ ଏହି ଦିଗରେ ପ୍ରଶସ୍ତ କ୍ଷେତ୍ର ସୃଷ୍ଟି କଲା। ଫଳରେ ମାତ୍ର ପାଞ୍ଚ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୩ ଶେଷ ସୁଦ୍ଧା ବିଶ୍ୱବ୍ୟାପୀ 'ଡିପ୍‌ଫେକ୍' ଭିଡିଓ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଲା।

ଫଟୋଗ୍ରାଫି ଓ ସିନେମା କଳାକୌଶଳ ଉଦ୍ଭାବନ ପରେ ପରେ ଅସଲି ଚିତ୍ରରେ ନକଲି ଖଞ୍ଜିବା ଆରମ୍ଭ ହୋଇଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧୋତର ପରିବେଶରେ ଡିଜିଟାଲ ଭିଡିଓ ପ୍ରଚଳନ ପରେ ଏହି କ୍ଷେତ୍ରରେ ବ୍ୟାପକ ଅଗ୍ରଗତି ଘଟିଥିଲା। ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ମେସିନ ଲର୍ଣ୍ଣିଂ ଓ ଆର୍ଟିଫିସିଆଲ ଇଂଟେଲିଜେନ୍ସି ଉପଯୋଗରେ ଏବଂ ପରୀକ୍ଷା ନିରୀକ୍ଷା କରିବା ନିମନ୍ତେ ବୈଷୟିକ କୌଶଳ ସହଜରେ ଉପଲବ୍ଧ ହେବା ପରେ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକରେ ଅବସ୍ଥାପିତ ଗବେଷକମାନେ ଏଥିରେ ସାମିଲ୍ ହୋଇଥିଲେ। ସୋସିଆଲ ମିଡିଆ 'ରେଡିଟ'ରେ ୨୦୧୭ରେ 'ଡିପ୍‌ଫେକ୍' ନାମକ ଏକ ଶୃଙ୍ଖଳ ସୃଷ୍ଟି କରାଯାଇଥିଲା। ଏହି ଅନଲାଇନ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ଗବେଷକମାନେ ମଂଚରେ ନିଜେ ପ୍ରସ୍ତୁତ କରିଥିବା 'ଡିପ୍‌ଫେକ୍' ଭିଡିଓ ଚିତ୍ରଗୁଡ଼ିକ ପ୍ରଦର୍ଶନ କରୁଥିଲେ। ତେବେ ଏହା ଅଧ୍ୟୟନକୈନ୍ଦ୍ରିକ ଥିବା ହେତୁ ଅନ୍ୟମାନଙ୍କ ନଜରକୁ ଆସୁନଥିଲା କିମ୍ବା ଉପାଦାନ ସମ୍ପର୍କରେ ପ୍ରଶ୍ନ ଉଠୁନଥିଲା।

ପ୍ରାଥମିକ ସ୍ତରରେ ମୁଖ୍ୟତଃ 'ଡିପ୍‌ଫେକ୍' ଭିଡିଓଗୁଡ଼ିକରେ ଅନଲାଇନରେ ଉପଲବ୍ଧ ଅର୍ଦ୍ଧନଗ୍ନ ବା ନଗ୍ନ ଶରୀରରେ ଖ୍ୟାତନାମା ଚଳଚ୍ଚିତ୍ର ଅଭିନେତ୍ରୀ ଓ ଅଭିନେତାଙ୍କ ମୁଖମଣ୍ଡଳର ଚିତ୍ର ଯୋଡ଼ାଯାଉଥିଲା। ଦ୍ୱିତୀୟସ୍ତରରେ ଭିଡିଓରେ କଥାବାର୍ତା ପରିବର୍ତନ କରିବା ବା କଣ୍ଠସ୍ୱର ପରିବର୍ତନ କରିବାର ସାମର୍ଥ୍ୟ ହାସଲ ହେଲା। ଫଳରେ ଅସଲି ଭିଡିଓକୁ ନକଲିରେ ପରିବର୍ତିତ କରି ଦର୍ଶକଙ୍କ ପାଇଁ ଉଭୟ ଦୃଶ୍ୟ ଓ ଶ୍ରାବ୍ୟ ପ୍ରମାଣରେ ସତ୍ୟ ପ୍ରତୀୟମାନ ହେଲା। ତେବେ ତୃତୀୟସ୍ତରରେ ଏହି ବୈଷୟିକ କୌଶଳ ଉପଯୋଗରେ ଅପରାଧିକ କାର୍ଯ୍ୟକଳାପ ଆରମ୍ଭ ହୋଇଗଲା। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଚିତ୍ର ନକଲ କରି ଯୌନାଚାର ଦୃଶ୍ୟ, ପ୍ରତିହିଂସା ଉଦ୍ଦେଶ୍ୟରେ ଅପରକୁ ନିନ୍ଦିତ କରିବା ଲାଗି ପ୍ରଚେଷ୍ଟା, ଅସତ୍ୟ, ଗୁଜବ ଓ ଅତିରଞ୍ଜିତ ସମ୍ବାଦ ପ୍ରସାର, ଅପବାଦ ଓ ଅର୍ଥନୈତିକ ଅପରାଧ ଲାଗି 'ଡିପ୍‌ଫେକ୍' ଭିଡିଓ ବ୍ୟବହୃତ ହେଲା। ଚତୁର୍ଥସ୍ତରରେ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ 'ଡିପ୍‌ଫେକ୍' ଭିଡିଓ ଉପଯୋଗ ରାଜନୀତିକସ୍ତରରେ ଚିନ୍ତାର କାରଣ ପାଲଟିଛି।

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନ ୨୦୨୦ରେ 'ଡିପ୍‌ଫେକ୍' ଭିଡିଓ ବ୍ୟବହୃତ ହୋଇଥିବା ଅଭିଯୋଗ ହୋଇଥିଲା। ପରବର୍ତୀ ପର୍ଯ୍ୟାୟରେ ବ୍ରିଟେନ, ଆର୍ଜେଂଟିନା, ସୋଲଭିକିଆ, ଦକ୍ଷିଣ କୋରିଆ ଆଦି ରାଷ୍ଟ୍ରରେ ଅନୁଷ୍ଠିତ ନିର୍ବାଚନରେ 'ଡିପ୍‌ଫେକ୍'ର ପ୍ରାଦୁର୍ଭାବ ଅନୁଭୂତ ହୋଇଥିଲା। ଭାରତରେ ୨୦୨୩ରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଅମିତାଭ ବଚ୍ଚନ 'କୌନ ବନେଗା କରୋଡ଼ପତି' ମଞ୍ଚରୁ ବିଜେପି ମୁଖ୍ୟମନ୍ତ୍ରୀଙ୍କୁ ମିଛୁଆ ଅଭିହିତ କରି କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ସପକ୍ଷରେ ମନ୍ତବ୍ୟ ରଖିଥିବା 'ଡିପ୍‌ଫେକ୍' ଭିଡିଓକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ବିଜେପି ପକ୍ଷରୁ ନିର୍ବାଚନ କମିଶନ ଓ ପୁଲିସ ନିକଟରେ ଏଥିନେଇ ଅଭିଯୋଗ ଦାୟର ହୋଇଥିଲା। ସେହି ସମୟରେ ବଲିଉଡ୍ ଚଳଚ୍ଚିତ୍ର ଅଭିନେତ୍ରୀ ରଶ୍ମିକା ମନ୍ଦାନା, କ୍ୟାଟ୍ରିନା କୈଫ ଓ କାଜଲଙ୍କୁ ନେଇ ପ୍ରସ୍ତୁତ ନଗ୍ନ 'ଡିପ୍‌ଫେକ୍' ଭିଡିଓ ଭାଇରାଲ ହେବା ପରେ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ହେଲା।

ବିଶେଷଜ୍ଞମାନେ ଭାରତରେ 'ଡିପ୍‌ଫେକ୍' ଭିଡିଓ ପ୍ରଚଳନ ଦ୍ରୁତଗତିରେ ବୃଦ୍ଧି ପାଇବ ବୋଲି ସତର୍କ କରାଇଦେଇଛନ୍ତି। ଏଥିନେଇ ପ୍ରଦ୍ୟୋଗ ମନ୍ତ୍ରଣାଳୟ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦବେଗ ପ୍ରକାଶ କରିଛନ୍ତି। ଦେଶରେ ୨୦୨୩ ଓ ୨୦୨୪ରେ ସାଧାରଣ ନିର୍ବାଚନ ସଙ୍ଗେ ବହୁ ରାଜ୍ୟରେ ବିଧାନସଭା ନିର୍ବାଚନ ପଞ୍ଜିକା ଥିବା ହେତୁ ରାଜନୀତିକସ୍ତରରେ ଆଲୋଡ଼ନ ସୃଷ୍ଟି ହୋଇଛି। 'ଡିପ୍‌ଫେକ୍' କବଳରେ ଭାରତୀୟ ନିର୍ବାଚନ ସମ୍ପର୍କରେ ବିଚାରବିମର୍ଶ କଲାବେଳେ କେତେକ ଦିଗ ଗୁରୁତ୍ୱ ବହନ କରିଥାଏ।

ପ୍ରଥମତଃ, ଭାରତରେ ଇଂଟରନେଟ ବ୍ୟବହାର କରୁଥିବା ଜନସଂଖ୍ୟା ମାର୍ଚ୍ଚ ୨୦୨୩ ସୁଦ୍ଧା ୮୫ କୋଟିରେ ପହଂଚିଥିବା ସରକାରୀ ହିସାବରୁ ଜଣାଯାଏ। ସେମାନଙ୍କ ମଧ୍ୟରୁ ଅର୍ଦ୍ଧେକ ଅନଲାଇନରେ ସମ୍ବାଦ ଆହରଣ କରୁଥିବା 'କାନ୍ତାର-ଗୁଗୁଲ' ପକ୍ଷରୁ ଆକଳନ କରାଯାଇଛି। ରାଜନୈତାଙ୍କ ପ୍ରତି ଜନସାଧାରଣଙ୍କ ଦୃଷ୍ଟିଭଙ୍ଗୀ ପରିବର୍ତନ କରିବାରେ ଅନଲାଇନ ସାଧନର ପ୍ରଭାବ ଅନେକ ରହିଛି। ତେଣୁ ଅନଲାଇନ ସମ୍ବାଦ ବିତରଣରେ 'ଡିପ୍‌ଫେକ୍' ନିର୍ବାଚନ ପ୍ରଚାରକୁ ପ୍ରଭାବିତ କରିବା ଆଶଙ୍କା ଅମୂଳକ ନୁହେଁ।

ଦ୍ୱିତୀୟତଃ, ଅତୀତରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତ କରିବା ନିମନ୍ତେ ଚରିତ୍ରଗୁଡ଼ିକ ସମ୍ପର୍କରେ ବହୁ ସଂଖ୍ୟାରେ ତଥ୍ୟ ଆବଶ୍ୟକ ପଡୁଥିଲା। କିନ୍ତୁ ବତମାନ ମାତ୍ର ମିନଟ କିମ୍ବା ଦୁଇ ମିନଟର ତଥ୍ୟରେ କ୍ଲୋନିଂ ବା ଅବିକଳ ପ୍ରତିକୃତି ପ୍ରସ୍ତୁତି ସମ୍ଭବ ହୋଇପାରୁଛି। ଏଥିନିମନ୍ତେ ସଫଟୱେର ସହଜରେ ସମସ୍ତଙ୍କୁ ମିଳିପାରୁଛି। ଯେ କେହି ଅଭ୍ୟାସ କରି 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତିରେ ଦକ୍ଷତା ହାସଲ କରିପାରିବ। ଏହି ସବୁ କାରଣରୁ ଭବିଷ୍ୟତରେ ଅଧିକ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତ ହେବାର ଆଶଙ୍କା ଅମୂଳକ ନୁହେଁ।

ତୃତୀୟତଃ, ଆମ ଦେଶରେ ଇଂଟରନେଟ ସଂଯୁକ୍ତି ବଢ଼ିଚାଲିଥିବା ଅବସରରେ ଇଂଟରନେଟ ବ୍ୟବହାର ତଥ୍ୟ ମୂଲ୍ୟ ଆନ୍ତର୍ଜାତିକସ୍ତରରେ ପ୍ରାୟତଃ ସର୍ବନିମ୍ନସ୍ତରରେ ରହିଆସିଛି। ଫଳରେ ଭିଡିଓ ଉପଭୋଗ ସୁଗମ ହୋଇପାରିଥିବା ବେଳେ ଅଧିକ ସଂଖ୍ୟାରେ ଡାଉନଲୋଡ ଓ ସେୟାର ମଧ୍ୟ ସମ୍ଭବ ହୋଇପାରୁଛି। ଏହି ପରିବେଶ 'ଡିପ୍‌ଫେକ୍' ଭିଡିଓ ଭାଇରାଲ ହେବାରେ ସହାୟକ।

ଚତୁର୍ଥତଃ, 'ଡିପ୍‌ଫେକ୍' ଭିଡିଓ ରାଜନୈତିକ କ୍ଷେତ୍ରରେ ବ୍ୟବହାର ଆଲୋଚନା କଲା ବେଳେ ଏହାର ପ୍ରଯୋଜନା ଇତିହାସରେ ଆମୂଳଚୁଳ ପରିବର୍ତନ ଦୃଷ୍ଟିକୁ ଆସିଥାଏ। ଅତୀତରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି ଖର୍ଚ୍ଚବହୁଳ ଥିବା ଏବଂ କେବଳ ଜାତୀୟସ୍ତରରେ ବହୁ ଅର୍ଥ ଠୁଳ କରିପାରିଥିବା ରାଜନୈତିକ ଦଳଗୁଡ଼ିକ ପକ୍ଷେ ପ୍ରସ୍ତୁତି ସମ୍ଭବ ଥିଲା। କିନ୍ତୁ ୨୦୨୩ ସୁଦ୍ଧା ଏହି ବୈଷୟିକ କୌଶଳ ବ୍ୟବହାର ସାର୍ବଜନୀନସ୍ତରରେ ଉପଲବ୍ଧ ଥିବା, ଏପରିକି ଗ୍ରାମପଂଚାୟତସ୍ତରରେ ପ୍ରସ୍ତୁତି ଓ ପ୍ରସାର ସମ୍ଭବ ହୋଇପାରୁଛି। ତେଣୁ ୨୦୨୪ ନିର୍ବାଚନ ପ୍ରଚାରରେ 'ଡିପ୍‌ଫେକ୍' ଭିଡିଓର ପ୍ରଭାବ ଅଧିକ ରହିବ ବୋଲି ଆକଳନ କରାଯାଇଛି।

ପଞ୍ଚମତଃ, ଭାରତରେ ଇଂଟରନେଟ ବ୍ୟବହାରକାରୀଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥିବାରୁ ଏବଂ ମୁଖ୍ୟତଃ ଭିଡିଓ ଆହରଣ କରୁଥିବାରୁ ବିଭିନ୍ନ ଭାରତୀୟ ଭାଷାଭାଷୀ ଉପଭୋକ୍ତାଙ୍କୁ ଭାଇରାଲ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି କ୍ଷେତ୍ରରେ ସମ୍ଭାଳିବା ସହଜ କଥା ନୁହେଁ। ସୋସିଆଲ ମିଡିଆରେ ପ୍ରସାର ଖୁବ କମ ସମୟରେ କୌଣସି ଭିଡିଓକୁ ଭାଇରାଲ କରିପକାଏ। ଆମ ଦେଶର ଆଇନକାନୁନ ସଶକ୍ତ। କିନ୍ତୁ 'ଡିପ୍‌ଫେକ୍' ଭିଡିଓଟିଏ ଠାବ କରି ତାହା ହଟାଇବା ପାଇଁ ସାମାଜିକ ଗଣମାଧ୍ୟମ ମଂଚକୁ ଜନସାଧାରଣ ଅନୁରୋଧ ବା ସରକାର ନିର୍ଦ୍ଦେଶ ଦେବା ଆଗରୁ ବିଶାଳ ଜନସଂଖ୍ୟାଙ୍କଠାରେ ପହଂଚିସାରିଥିବ। 'ଡିପ୍‌ଫେକ୍' ଭିଡିଓ ସ୍ୱୟଂକ୍ରିୟ ବା ଆପେ ଆପେ ଚିହ୍ନଟ କରାଯାଇପାରିବା ବୈଷୟିକ କୌଶଳ ବାସ୍ତବ କ୍ଷେତ୍ରରେ ଉପଯୋଗ ପ୍ରାୟତଃ ଅସମ୍ଭବ ମନେହୁଏ।

'ଡିପ୍‌ଫେକ୍' ଭିଡିଓ ପ୍ରସାର ଲାଭ କରିବା ବିଗତ ପାଞ୍ଚ ବର୍ଷର ଇତିହାସରୁ ଜଣାଯାଏ ଯେ ଏହି ବୈଷୟିକ କୌଶଳ ବିକାଶ ବର୍ଷକ ମଧ୍ୟରେ ଦ୍ୱିଗଣିତ ହେବାରେ ଲାଗିଛି। ସେହିପରି ଏହାର ବ୍ୟବହାରକାରୀଙ୍କ ସଂଖ୍ୟା ମଧ୍ୟ ବଢୁଛି। ଏତାଦୃଶ ଜଟିଳ ପରିବେଶରେ 'ଡିପ୍‌ଫେକ୍' ଭିଡିଓ ପ୍ରସ୍ତୁତି ଓ ପ୍ରସାରଣକୁ ରୋକିବା ନିମନ୍ତେ ଆନ୍ତର୍ଜାତିକସ୍ତରରେ ବିଭିନ୍ନ ରାଷ୍ଟ୍ର ଆଇନ ପ୍ରଣୟନ ଦିଗରେ ତତ୍ପର। ୟୁରୋପୀୟ ରାଷ୍ଟ୍ରସଂଘ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୨୩ ଶେଷ ସୁଦ୍ଧା ଏ ଦିଗରେ ପ୍ରାଥମିକ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ଭାରତରେ ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନ୍ ୨୦୨୧ ଅନୁଯାୟୀ କୌଣସି ଆପତିଜନକ ଉପାଦାନ ଠାବ ହେଲେ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକ ଅଭିଯୋଗ କିମ୍ବା ନିର୍ଦ୍ଦେଶ ପାଇବାର ୩୬ ଘଂଟା ମଧ୍ୟରେ ହଟାଇବା ନିମନ୍ତେ ବାଧ୍ୟ। କିନ୍ତୁ ଏହି ୩୬ ଘଂଟାର ମହଲତ ଆଧୁନିକ ଅନଲାଇନ ପରିବେଶରେ ସୁଦୀର୍ଘ ମନେହୁଏ। ଏହି ସମସ୍ୟାର କିପରି ସମାଧାନ କରାଯାଇପାରିବ ତାହା ଏକ ଅସମାହିତ ପ୍ରଶ୍ନ।

'ଡିପ୍‌ଫେକ୍' ଭିଡିଓ ସାଧାରଣରେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଉପଭୋକ୍ତାଙ୍କ ଭୂମିକା ମୁଖ୍ୟ ସ୍ଥାନ ଅଧିକାର କରିଥାଏ। ଗବେଷଣାରୁ ଜଣାଯାଏ ଯେ ଅଧିକାଂଶ କ୍ଷେତ୍ରରେ ଅନଲାଇନ ଶିଷ୍ଟାଚାର ସମ୍ପର୍କରେ ଅଜ୍ଞତା ଓ କୌତୁହଳ କାରଣରୁ ଭିଡିଓ ସେୟାର ହୋଇଥାଏ। ବିଶେଷଜ୍ଞମାନେ କହିଆସୁଛନ୍ତି ଯେ ଗଣମାଧ୍ୟମ ସାକ୍ଷରତା, ଅର୍ଥାତ ଉପଭୋକ୍ତାଙ୍କୁ ଗଣମାଧ୍ୟମର ପ୍ରଭାବ ତଥା ଉଚିତ ଓ ଅନୁଚିତ ବ୍ୟବହାର ସମ୍ପର୍କରେ ସତର୍କ କରାଗଲେ ସୁଫଳ ମିଳିବ। ବିଶେଷଜ୍ଞଙ୍କ ମତରେ ଅସତ୍ୟ ସମ୍ବାଦ ଗଣତାନ୍ତ୍ରିକ ଶାସନରେ କିପରି କୁପ୍ରଭାବ ପକାଉଛି ସେ ସମ୍ପର୍କରେ ଯେତେ ଅଧିକ ସଂଖ୍ୟକ ସାମାଜିକ ଗଣମାଧ୍ୟମ ଉପଭୋକ୍ତା ଅବଗତ ହେବେ, ସେହି ସଂଖ୍ୟାରେ 'ଡିପ୍‌ଫେକ୍' ଭିଡିଓର ବ୍ୟବହାର ହ୍ରାସ ପାଇବ।

ଆମ ଦେଶରେ ନଭେମ୍ବର ୨୦୨୩ ମଧ୍ୟପ୍ରଦେଶ ଘଟଣା ପରେ ପ୍ରଧାନମନ୍ତ୍ରୀ ଗଣମାଧ୍ୟମ ସାକ୍ଷରତା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ଏ ଦିଗରେ ସମୁଚିତ ପଦକ୍ଷେପ ଜରୁରୀ। ଆଂଚଳିକସ୍ତରରେ ଗଣମାଧ୍ୟମ ସାକ୍ଷରତା ପ୍ରସାର ଦିଗରେ ଦେଶର ସାମ୍ବାଦିକତା ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସକ୍ରିୟ ଭୂମିକା ଗ୍ରହଣ କରିପାରିବେ। ଏ ଦିଗରେ ବିଶ୍ୱବିଦ୍ୟାଳୟ ମଞ୍ଜୁରି କମିଶନ ସାମାନ୍ୟ ଅନୁଦାନ ସହ ଏକ ମଡେଲ ସମଗ୍ର ଦେଶରେ କାର୍ଯ୍ୟକାରୀ କରିପାରିବେ। ପରବର୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକୁ ଜାତୀୟ ସେବା ଯୋଜନା(ଏନଏସଏସ) ମାଧ୍ୟମରେ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇପାରିବ ଏବଂ ୨୦୨୪ ନିର୍ବାଚନ ପୂର୍ବରୁ ସାମାଜିକ ଗଣମାଧ୍ୟମ ଶିଷ୍ଟାଚାର ସାଙ୍ଗକୁ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଦେଶର ଅଧିକାଂଶ ଜନସାଧାରଣଙ୍କୁ ସଚେତନ କରାଯାଇପାରିବ।

PARYABEKHYAK




## ଜୟପୁର ରେ ଖୋଲିଲା ଆକାଶ କୋଚିଙ୍ଗ ସେଣ୍ଟର, ଛାତ୍ର ଛାତ୍ରୀ ଙ୍କ ଭବିଷ୍ୟତ ହେବ ଉଜ୍ଜଳ

ଜୟପୁର,(ପି.ଏନ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଲେବର କାର୍ଯ୍ୟାଳୟ ଠାରେ ଆକାଶ କୋଚିଙ୍ଗ ସେଣ୍ଟର ଉଦଘାଟିତ ହୋଇଯାଇଛି,ଏହି କାର୍ଯ୍ୟକ୍ରମ ରେ ଅତିଥି କୋଚିଙ୍ଗ ନେଉଥିଲେ,ଯାହା ଦ୍ୱାରା ଅନେକ ଖର୍ଚ୍ଚାନ୍ତ ମଧ ହେଉଥିଲେ,ଅନେକ ଗରିବ ଶ୍ରେଣୀର ମେଧାବୀ ଛାତ୍ର ଛାତ୍ରୀ ବାହାରେ ଅଧିକ



ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡ଼ି ର ବରିଷ୍ଠ ନେତା ରବି ନାରାୟଣ ନନ୍ଦ, କେସିସି ବ୍ୟାଙ୍କ ର ଅଧକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ,କୋରାପୁଟ ଜ଼ିଲ୍ଲାର ମେଧାବୀ ଛାତ୍ର ଛାତ୍ରୀ ଙ୍କ ଭବିଷ୍ୟତ ଉଜ୍ଜଳ କରିବା ପାଇଁ ଆକାଶ ଏକାଡେମୀ ପକ୍ଷରୁ ଏହି କୋଚିଙ୍ଗ ସେଣ୍ଟର କରାଯାଇଛି,ଆଗରୁ କୋରାପୁଟ ଜ଼ିଲ୍ଲା ସମେତ ଆଖପାଖ ଜ଼ିଲ୍ଲାର ମେଧାବୀ ଛାତ୍ର ଛାତ୍ରୀ ମାନେ କଟକ ଭୁବନେଶ୍ୱର ଯାଇ ଖର୍ଚ୍ଚାନ୍ତ ହୋଇ କୋଚିଙ୍ଗ ନେବା ପାଇଁ ଇଚ୍ଛା ଥିଲେ ମଧ ଅର୍ଥ ବାଧକ ସାଜୁଥିଲା,ଏବେ ଆଉ ବାହାର କୁ ଯାଇ କୋଚିଙ୍ଗ ନେବା ପାଇଁ ପଡିବ ନାହିଁ,ଜୟପୁର ଖୋଲିଲା ଆକାଶ କୋଚିଙ୍ଗ ସେଣ୍ଟର,ଛାତ୍ର ଛାତ୍ରୀ ମାନେ କମ ଖର୍ଚ୍ଚ ରେ ଡାକ୍ତର, ଇଞ୍ଜିଅର ଓ ଅନ୍ୟାନ କୋର୍ସ କମ ଖର୍ଚ୍ଚ ରେ ପଢି ପାରିବେ ବୋଲି ଆକାଶ କୋଚିଙ୍ଗ ସେଣ୍ଟର ତରଫରୁ କୁହା ଯାଇଛି।

## ଏବେ ବି ବଂଚିଛି ମାନବିକତା

ମାହାଙ୍ଗା,(ପି.ଏନ): ପୁରୀ ଜିଲ୍ଲା ଅନ୍ତର୍ଗତ ଗୋପ ବ୍ଲକ୍‌ସ୍ଥିତ ପୋଇତରା ନିବାସୀ ପ୍ରଦ୍ୟୁନ୍ନ କୁମାର ପ୍ରଧାନଙ୍କର ଫୋନ ପେ ରୁ ନିଜ ସମ୍ପର୍କୀୟଙ୍କୁ ଟଙ୍କା ପଠାଉ ଥିବା ବେଳେ ଭୁଲ ବସତ ଅନ୍ୟଏକ ଆକାଉଣ୍ଟ କୁ ଚାଲିଯାଇଛି ବୋଲି ଯାଣିବାକୁ ପାଇଲେ । ସେ ତଦାରଖ କରିବାରୁ ଏହି ଠଙ୍କା ସାଲେପୁର ସ୍ଥିତ ପଂଜାବ ନ୍ୟାସନାଲ ବ୍ୟାଙ୍କ ର ଏକ ଆକାଉଣ୍ଟ କୁ ଯାଇଛି ବୋଲି ଜାଣିବାକୁ ପାଇଲେ। ଶ୍ରୀ ପ୍ରଧାନ ତତ୍‌କ୍ଷଣାତ୍ ସାଲେପୁରେ ପହଚିଂ ପି.ଏନ.ବି ଶାଖାପ୍ରବନ୍ଧକ ଶ୍ରୀ ଦଶରଥ ମଲ୍ଲିକଙ୍କୁ ସମସ୍ତ ବିଷୟ ସମ୍ବନ୍ଧରେ ଜଣାଇଥିଲେ । ଶ୍ରୀ ମଲ୍ଲୀକ ତର୍ଜମା କରିବାରୁ ଉକ୍ତ ଟଙ୍କା ପଲ୍ଲୀସାହି ପି.ଏନ.ବି ସିଏସ୍‌ପି ପ୍ଲସଣ୍ଟରେ ଖୋଲାଯାଉଥିବା ଆକାଉଣ୍ଟ ଧାରୀ ଶ୍ରୀ ଅଜୟ କୁମାର ଜେନାଙ୍କ ଆକାଉଣ୍ଟକୁ ଟଙ୍କା ଯାଉଛି ବୋଲି ଜଣାପଡିଲା । ଶାଖାପ୍ରବନ୍ଧକ ଶ୍ରୀ ମଲ୍ଲିକ ପରାମର୍ଶ କ୍ରମେ ଶ୍ରୀ ପ୍ରଧାନ ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ପଲ୍ଲିସାହି ଠାରେ ଥିବା ପି ନ୍ ବି ସିଏସ୍‌ପି ପ୍ଲସ ର ବି.ସି ଶ୍ରୀ ଯୁକ୍ତ ମଦନ ମୋହନ ସ୍ୱାଇଁ ଙ୍କୁ ସାକ୍ଷାତ କରି ସମସ୍ତ ବିଷୟ




ଆଲୋଚନା କରିଥିଲେ। ବି.ସି ଶ୍ରୀ ସ୍ୱାଇଁ ଏଆକୁ ଗୁରୁତର ସହ ନେଇ ସମସ୍ତ ଆକାଉଣ୍ଟ ଚେକ୍ କରିବାରୁ ଆକାଉଣ୍ଟଟି ଅଜୟ କୁମାର ଜେନା , ଆକାଉଣ୍ଟ .ନଂ ୯୨୪୭୦୦୧୭୦୦୦୨୬୨୭୭ କୁ ଆସିଛି ବୋଲି ଜଣାପଡିଥିଲା । ଏହାପରେ ବି.ସି ଶ୍ରୀ ସ୍ୱାଇଁ ପ୍ରଧାନଙ୍କୁ ସାଙ୍ଗରେ ଧରି ଭଉଁରିଆ ପଂଚାୟତ ଅନ୍ତର୍ଗତ ନହଙ୍ଗ ଗ୍ରାମକୁ ଯାଇ ଅଜୟଙ୍କୁ ସାକ୍ଷାତ କରି ଭୁଲ ବସତ ଆସିଥିବା ଟଙ୍କା ବିଷୟରେ ଜଣାଇଥିଲେ । ଏ ବିଷୟ ଜାଣିବା ପରେ ବିନା ଦ୍ୱିଧାରେ ଭୁଲ ବଶତ ଆସିଥିବା ଶ୍ରୀ ପ୍ରଧାନଙ୍କ ଟ୯୦୧୦ଙ୍କା ଫେରସ୍ତ ପାଇଁ ସମ୍ମତି ପ୍ରଦାନ କରିଥିଲେ । ପରବର୍ତି ଦିବସରେ ପଲ୍ଲୀସାହି ପି.ଏନ.ବି ସିଏସ୍‌ପି ପ୍ଲସ ରେ ସାମ୍ବାଦିକ ଧନେଶ୍ୱର ସେଠୀଙ୍କ ଉପସ୍ଥିତିରେ ଶ୍ରୀ ପ୍ରାଧାନଙ୍କୁ ତାଙ୍କର ଟ ୯୦୧୦ଙ୍କା ଫେରସ୍ତ କରାଯାଇଥିଲା । ଶ୍ରୀ ଜେନାଙ୍କ ର ଏହି ମହାନ କାମ ପାଇଁ ସ୍ଥାନୀୟ ଅଂଚଳବାସୀ ତାକୁ ପ୍ରଶଂସା କରିଛନ୍ତି । ଏବେବି ବଂଚିଛି ମାନବିକତା ବୋଲି ବୁର୍ଦ୍ଧିଜୀବି ମହଲରେ ଆଲୋଚନା ହେଉଛି ।

## ହାତ ଟେକିଦେଲେ ସୋର ବି.ଇ. ଓ, ସୋର ଥାନା ଏସ. ଆଇ.ଙ୍କ ପ୍ରଚେଷ୍ଟାରେ ଧାରଣାରୁ ଓହରିଲେ ଛାତ୍ରଛାତ୍ରୀ

ସୋର, (ପି.ଏନ): ବ୍ଲକ ନଟାପଡ଼ା ପଞ୍ଚାୟତ ଅନ୍ତର୍ଗତ ପୁରୁଷୋତ୍ତମ ଉ.ପ୍ରା.ବିଦ୍ୟାଳୟରେ ବହୁ ଦିନରୁ ଶିକ୍ଷକତା କରି ଆସୁଥିବା ସହକାରୀ ଶିକ୍ଷକ ମନୋରଞ୍ଜନ ଦାସଙ୍କୁ ହଟାତ ଜଡ଼ିଦା ପଞ୍ଚାୟତ ଗଂଗେଇ ସ୍କୁଲକୁ ବଦଳି କରାଯାଇଥିଲା । ଏ ବିଷୟରେ ଆଜି ସକାଳେ ଖବର ପାଇବା ପରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ ମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ସ୍କୁଲ ବନ୍ଦ କରିବା ସହ ନଟାପଡା ମାଣିପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ବିଦ୍ୟାଳୟ ଭିତରକୁ ଛାଡ଼ି ନ ଥିଲେ । ବିଦ୍ୟାଳୟରେ ପୂର୍ବରୁ ଦୁଇ ଶିକ୍ଷକଙ୍କ ବିରୋଧରେ ବିଦ୍ୟାଳୟ ପରିଚାଳନା କମିଟି ଅସନ୍ତୁଷ୍ଟ ଥିବା ବେଳେ ପୁଣି ଜଣେ ଦକ୍ଷ ଛାତ୍ର ବତ୍ସଳ ଶିକ୍ଷକଙ୍କୁ ବଦଳି କରିବା ଘଟଣାକୁ ନେଇ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଥିଲେ ଗ୍ରାମବାସୀ। ଏ ବିଷୟରେ ଖବର ପାଇ ସୋର ବି. ଇ. ଓ. ଦାୟିତ୍ୱରେ ଥିବା ନାରାୟଣ ପ୍ରସାଦ ଦାସ ସି ଆର ସି ସି ମୁନିଲୁଲୁ ଖାଁଙ୍କୁ ଘଟଣାସ୍ଥଳକୁ ପଠାଇ ଥିଲେ। ମାତ୍ର ଉକ୍ତ ଅଧିକାରୀଙ୍କ ପ୍ରସ୍ତାବରେ ସନ୍ତୋଷ ନ ହୋଇ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ ମାନେ ରାସ୍ତାରୋକ ଜାରି ରଖିଥିଲେ। ରାସ୍ତାଅବରୋଧ ବିଷୟରେ ଖବର ପାଇ ସୋର ଥାନାରୁ ଏସ,ଆଇ ସୁଦର୍ଶନ ପ୍ରଧାନ, ଏ. ଏସ ଆଇ କେଶବ ଚନ୍ଦ୍ର ବେଶ୍ରାଙ୍କ ସହ ଅନ୍ୟ ପୋଲିସ ଅଧିକାରୀ ଘଟଣା ସ୍ଥଳରେ ପହଂଚି ରାସ୍ତା ଅବରୋଧ ହଟାଇବାକୁ ବିଦ୍ୟାଳୟ ପରିଚାଳନା କମିଟି ସହ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିବାରୁ ରାସ୍ତାରୋକ ହଟିଥିଲା। ମାତ୍ର ରାସ୍ତାରୁ ହଟି ପୁନର୍ବାର ଛାତ୍ରଛାତ୍ରୀ ବିଦ୍ୟାଳୟ ଫାଟକ ଆଗରେ ଧାରଣା ଦେଇଥିଲେ। ପୁଣି ଥରେ ଏସ ଆଇ ଶ୍ରୀ ପ୍ରଧାନ କମିଟି ସଭାପତି ସୁଶାନ୍ତ କୁମାର ମହାନ୍ତିଙ୍କ ସହ ଅନ୍ୟ ସଦସ୍ୟ ମାନଙ୍କ ଉପସ୍ଥିତିରେ ସୋର ବି.ଇ. ଓ ଙ୍କ ସହ ସମାଧାନ ପାଇଁ ଉଦ୍ୟମ କରିବାରୁ ଉକ୍ତ ଶିକ୍ଷକଙ୍କ ବଦଳି ଆଦେଶ ବାତିଲ କରାଯାଇଥିଲା। ଏହା ଶୁଣି ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକ ଖୁବ ଖୁସି ବ୍ୟକ୍ତ କରିଥିଲେ ଓ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଶିକ୍ଷା ବିଭାଗର ଘଟଣା ହୋଇ ମଧ ଜଣେ ବି. ଇ. ଓ. ସମାଧାନ ନ କରି ହାତ ଟେକି ଦେବା ବେଳେ ସୋର ଥାନାର ଏସ. ଆଇ. ଶ୍ରୀ ପ୍ରଧାନଙ୍କ ସମୟୋପଯୋଗୀ ସମାଧାନର ସୂତ୍ର ସହ ସ୍ଥାନୀୟ ଗ୍ରାମବାସୀ, ଅଭିଭାବକଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିଙ୍କୁ ବୁଝାଇ କୋମଳମତି ଛାତ୍ରଛାତ୍ରୀଙ୍କୁ ଧାରଣାରୁ ନିବୃତ୍ତ କରିବା ଜଣେ ଦକ୍ଷ ପୋଲିସ ଅଧିକାରୀ ଭାବେ ତାଙ୍କୁ ପ୍ରମାଣିତ କରିଛି ।ଯାହାକୁ ନେଇ ନଟାପଡ଼ା ଗ୍ରାମବାସୀଙ୍କ ସହ ଛାତ୍ରଛାତ୍ରୀ ଓ ଅଭିଭାବକ ଏସ ଆଇ ଶ୍ରୀ ପ୍ରଧାନଙ୍କୁ ଧନ୍ୟବାଦ ସହ କୃତଜ୍ଞତା କରିଥିଲେ।

## ଓଡିଶା ନାଟ୍ୟ ସଙ୍ଘ ଏବଂ ଦକ୍ଷିଣ ନାଟ୍ୟ ସଂଘ

ଜୟପୁର , (ପି.ଏନ): କୋରାପୁଟ ଜିଲ୍ଲା ଜୟପୁର ସାଂସ୍କୃତିକ ପରିଷଦ ପ୍ରସ୍ତୁତ ନାଟକ 'ଜୀବନ ଏକ ନାଟକ', ଓଡିଶା ନାଟ୍ୟ ସଙ୍ଘ ଏବଂ ଦକ୍ଷିଣ ନାଟ୍ୟ ସଂଘ ମିଳିତ ଉଦ୍ୟମରେ, କୋରାପୁଟ ସାଂସ୍କୃତିକ ସୋସାଇଟି ମଞ୍ଚରେ ପ୍ରସ୍ତୁତ ନାଟକ, ଶ୍ରୀ ଜଗଦୀଶ ଅଧିକାରୀଙ୍କ ରଚନା ଏବଂ ଶ୍ରୀ ନିରଞ୍ଜନ ପାଣିଗ୍ରାହିଙ୍କ ନିର୍ଦ୍ଦେଶନାରେ ନାଟକରେ ଅଂଶ ଗ୍ରହଣ କରିଥିଲେ ଶ୍ରୀ ପଞ୍ଚାନନ ମିଶ୍ର, ଜଣେ ନାଟ୍ୟକାର ନାଟକ ଲେଖିବାର ନିଶାକୁ ନେଇ କିପରି ସଂଘର୍ଷ କରୁଛି, ନିର୍ଦ୍ଦେଶକ ତଥା ଅନ୍ୟମାନଙ୍କ ହାତରେ କାଟଛାଟ ହୋଇ ରଚନାଟି କିପରି ବିକଳାଙ୍ଗ ହୋଇଯାଏ ଏବଂ ତାହା ଜଣେ ବିଦଗ୍ଧ ନାଟ୍ୟକାରକୁ କିପରି ସନ୍ତୁଳି ଦିଏ,ଏହି କାହାଣୀକୁ ଧରି ନାଟକଟି ଗତିଶୀଳ ହୋଇଛି,ସମସ୍ତ ଅଭିନେତା ଅଭିନେତ୍ରୀଙ୍କର ଉଦ୍ୟମ ପାଇଁ ସମଗ୍ର ଜିଲ୍ଲାରେ ନାଟ୍ୟ ଜଗତରେ ଖୁସିରେ ଲହରୀ



ଶ୍ରୀ ଯୁଗଳ ସାହୁ, ବିଘ୍ନ ଆଚାର୍ଯ୍ୟ, ଶ୍ରୀ ପବିତ୍ର ମଲ୍ଲିକ , ଶ୍ରୀ ଅଶୋକ ମହାରଣା, ଶ୍ରୀ ନିରଞ୍ଜନ ପାଣିଗ୍ରାହି, ଶ୍ରୀମତୀ୍ବିଜୟଲକ୍ଷ୍ମୀ ପାଣିଗ୍ରାହି, ସୁଶ୍ରୀ ସମର୍ପିତା ପାଣିଗ୍ରାହିଏବଂ ଶିଶୁ କଳାକାର ନିବେଦନ ପାଣିଗ୍ରାହି ଅଭିନୟ କରିବା ବେଳେ ସଂଗୀତରେ ଥିଲେ ଜି, ମହେଶ, ରାମନିଗମ ମହାନ୍ତି ଏବଂ ମୁନା ମିଶ୍ର,ସହଯୋଗୀତାରେ ଏମ. ଡି. ସରିଫଓ ଲାଲୁ ମିଶ୍ର ରହିଥିଲେ,ପ୍ରତିକୂଳ ପରିସ୍ଥିତିରେ ଖେଳିଗଇଛି,ନିର୍ଦ୍ଦେଶକ ନିରଞ୍ଜନ ପାଣିଗ୍ରାହିଙ୍କୁ ସମ୍ମାନିତ କରାଯାଇଥିବା ବେଳେ, ନାଟକ ପାଇଁ ଅତୁଳୀୟ ଅବଦାନ ଲାଗି ଶ୍ରୀ ସନ୍ତୋଷ ଦାସ, ଶ୍ରୀ ଗୋପାଳ ସମନ୍ତର ଏବଂ ଉଷାରଣୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା ମଞ୍ଚରେ, ଶ୍ରୀ ପ୍ରବୋଧ ରଥ,ଶ୍ରୀ ଚିତ୍ତରଞ୍ଜନ ମିଶ୍ର, ଶ୍ରୀ ସୁବଧ ପଟନାୟକ, ଶ୍ରୀ ବୁଲୁ ରଥ, ସମୀର ମହାପାତ୍ର, ମାନସ ପଣ୍ଡା, ଗୌରୀ ରଥ ଏବଂ ଅନ୍ୟାନ୍ୟ ଅତିଥି ମଞ୍ଚରେ ଉପସ୍ଥିତ ଥିଲେ।

## ଦେଓମାଳି ପାଇଁ ଆଗେଇ ଆସିଲା ଜିଲ୍ଲା ପ୍ରଶାସନ ଦେଓମାଳି ସୁରକ୍ଷା ଓ ସ୍ୱଚ୍ଛତାକୁ ଦେଲେ ଗୁରୁତ୍ୱ

ଜୟପୁର, (ପି.ଏନ): କୋରାପୁଟ ର ଉଚ୍ଚତମ ପର୍ବତ ଦେଓମାଳି ଉପରେ କଟକଣା ଲଗେଇଲେ ଜିଲ୍ଲା ପ୍ରଶାସନ, ଦେଓମାଳି ର ସ୍ୱଚ୍ଛତା କୁ ଦୃଷ୍ଟି ରଖି କୋରାପୁଟ ଜିଲ୍ଲା ପ୍ରଶାସନ ର ପଦକ୍ଷେପ, ରାତି ଆଠ ରୁ ଭୋର୍ ପାଞ୍ଚ ଯାଏ ପର୍ଯ୍ୟଟକ ଙ୍କ ଗତିବିଧି ଉପରେ କଟକଣା ଲଗେଇଲେ କୋରାପୁଟ ଜିଲ୍ଲାପାଳ,ପ୍ରଶାସନ ର ବିନା ଅନୁମତି ରେ କୌଣସି ବ୍ୟକ୍ତି କିମ୍ବା ଗ୍ରୁପ୍ ରାତ୍ରି ଯାପନ କରି ପାରିବେ ନାହିଁ। ପର୍ଯ୍ୟଟକ ଙ୍କୁ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ମନା, ସାଥୀ ରେ ନେଲେ ଜରିମାନା ଏହିପରି ବିଭିନ୍ନ ନିୟମ ଉକ୍ତ ଏସଓପି ରେ ରହିଥିବା ବେଳେ ଗତ ୧୦ ତାରିଖ ଠାରୁ ୪୫ ଦିନ ପର୍ଯ୍ୟନ୍ତ ତାହା ବଳବତର ରହିବ ବୋଲି ଜଣାପଡିଛି, ଆଜି ଦେଓମାଳି ଠାରେ ଜିଲ୍ଲାପାଳ ଭି କୀର୍ତ୍ତିଭାସନ , କୋରାପୁଟ ଏସପି ରୋହିତ ବର୍ମା ,ଡିଏଫ ଓ କେ ଭି ରାଓ , ଜିଲ୍ଲା



ପର୍ଯ୍ୟଟନ ଅଧିକାରୀ ଙ୍କ ସମେତ ପଟ୍ଟାଙ୍ଗି ବିଡ଼ିଓ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ଓ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ପ୍ରମୁଖ ପହଁଚି ଦେଓମାଳି ସୁରକ୍ଷା ଓ ସ୍ୱଚ୍ଛତା ଉପରେ ଆଲୋଚନା କରିଥିଲେ ।ଓ ଦେଓମାଳି କୁ ସବୁଜ ସୁନ୍ଦର ରଖିବା ଜିଲ୍ଲା ପ୍ରଶାସନ କିମ୍ବା ବ୍ଲକ ପ୍ରଶାସନ ର ନୁହେଁ ସମସ୍ତେ ପର୍ଯ୍ୟଟକ ଚାହିଁଲେ ଦେଓମାଳି ସମ୍ପୂର୍ଣ୍ଣ ସ୍ୱଚ୍ଛ ହୋଇପାରିବ ଓ ଦେଓମାଳି କୁ ନେଇ ପର୍ଯ୍ୟଟନ କ୍ଷେତ୍ର ରେ କୋରାପୁଟ ଜିଲ୍ଲା ର୍ଗ୍ୱ ବୋଲି ଜିଲ୍ଲାପାଳ କହିଥିଲେ ।ଓ ଦେଓମାଳି କୁ ବିଶ୍ୱ ସ୍ତରୀୟ ପର୍ଯ୍ୟଟନ ସ୍ଥଳୀ କିପରି କରିହେବ ଏଥିପ୍ରତି ଜିଲ୍ଲା ପ୍ରଶାସନ ପୁରା ତତ୍ପରତା ରହିଥିବା ଜିଲ୍ଲା ପାଳ ସୂଚନା ଦେଇଥିଲେ, ସୂଚନାଥାଉ କି ଗତ ଦିନ ରେ ପାନ ଇଣ୍ଡଷ୍ଟ୍ରି ର ନିର୍ଦେଶକ ଏସ ଏସ ରାଜମଉଳି ଦେଓମାଳି ର ସ୍ୱଚତା କୁ ନେଇ ନିଜ୍ ଏକ୍ସ ହେଣ୍ଡେଲ ରେ ଟ୍ୱିଟ କରିଥିଲେ,

## ପିଡିଏସ୍ ଚାଉଳ ଟ୍ରକ ସାଙ୍ଗେ ପିଟିହେଲା କାର କାରରେ ଥିବା ୨ ମହିଳାଙ୍କ ସମେତ ୪ ଆହତ

ବ୍ରହ୍ମଗିରି,(ପି.ଏନ): ପିଡିଏସ୍ ଚାଉଳ ନେଇ ଗମ୍ଭାରୀ ଗାଁକୁ ଯାଉଥିବା ଓଡି ୧୩ଡି ୭୭୫୭ନମ୍ବର ଟ୍ରକକୁ ଓଡି ୩୩ ଏକେ ୯୩୮୪ ନମ୍ବରର ଏକ କାର ମୁହାଁମୁହିଁ ଧକ୍କା ହେବାରୁ କାର ଭିତରେ ଥିବା ୨ଜଣ ମହିଳାଙ୍କ ସମେତ ୪ଜଣ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କାରରେ ଥିବା ଲୋକ ମାନଙ୍କର ଠିକଣା ଜଣା ପଡିନଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ କାରକୁ ପୁଲିସ ଥାନାକୁ ଆଣିଛି। କିଛି ଦେଖଣାହାରୀଙ୍କ କହିବା ଅନୁସାରେ ପିଡିଏସ୍ ଚାଉଳ ବୋଝେଇ ଟ୍ରକ୍‌ଟି ପୁରୀ ସାତପଡା ରାଜରାସ୍ତାର ହାଣ୍ଡିଆଳି ଛକଠାରେ ଅଟକାଇ ଚାଳକ ନିକଟସ୍ଥ ଦୋକାନରୁ ସର୍ବତ ପିଇବାକୁ ଯାଇଥିଲେ। ସେହି ସମୟରେ ପୁରୀ ଅଭିମୁଖେ ଆସୁଥିବା କାରଟି ଏକ ଯାତ୍ରିବାହୀ ଅଟୋକୁ ସୁରକ୍ଷା ଦେବାକୁ ଯାଇ ଟ୍ରକ ସହିତ ପିଟି ହୋଇଥିଲା। ପୁଲିସ ଘଟଣାର ତଦନ୍ତ କରୁଛି।

## ଗୋପବନ୍ଧୁ ପାତ୍ରଙ୍କ ୯୭ତମ ଜୟନ୍ତୀ ପାଳିତ

*ବ୍ରହ୍ମଗିରି,(ପି.ଏନ): ବ୍ରହ୍ମଗିରି ମାଟିର ଗର୍ବ ଓ ଗୌରବ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଗୋପବନ୍ଧୁ ପାତ୍ରଙ୍କ ୯୭ ତମ ଜୟନ୍ତୀ ବ୍ରହ୍ମଗିରି ବ୍ଲକ ପରିସରରେ ଥିବା ତାଙ୍କ ପ୍ରତିମୁର୍ତୀ ନିକଟରେ ଗୋପବନ୍ଧୁ ସ୍ମୃତି କମିଟି ତରଫରୁ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ବିହାରୀବନ୍ଧୁ ପଲାଇଙ୍କ ସମେତ ଅନେକ ସମାଜସେବୀ ଓ ସ୍ୱର୍ଗତ ଗୋପବନ୍ଧୁ ପାତ୍ରଙ୍କୁ ଭଲପାଉଥିବା ଲୋକମାନେ ଉପସ୍ଥିତ ଥିଲେ।*

## ସୋରରେ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ

ସୋର, (ପି.ଏନ): ସୋର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା ସରକାରଙ୍କ ପକ୍ଷରୁ ଗତକାଲି ଓଡ଼ିଶାରେ ଲାଗୁ ହୋଇଛି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ।ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଏହି ଯୋଜନାର କାର୍ଡ ହିତାଧିକାରୀଙ୍କ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ। ପରିବାର ପିଛା ବାର୍ଷିକ ୫ ଲକ୍ଷ ଏବଂ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ।ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ କିମ୍ବା ୭୦ ବର୍ଷରୁ ଉର୍ଦ୍ଧ ବରିଷ୍ଠ ନାଗରିକଙ୍କୁ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ପାଇବେ। ଏହି ଯୋଜନାର ଶୁଭାରମ୍ଭ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମୁଖ୍ୟ ଅତିଥି ଭାବେ ଭାରତର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଶୁକ୍ରବାର ଦିବା ୨ ଟା ୩୦ ମିନିଟରେ କଟକ ଠାରେ କାର୍ଡ ବଣ୍ଟନର ଆଭାସି ମାଧ୍ୟମରେ ଶୁଭାରମ୍ଭ କରିଥିଲେ। ଏହି ସମୟରେ ଓଡ଼ିଶାରେ ପ୍ରତ୍ୟେକ ବ୍ଲକର ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଡ ବଣ୍ଟନ ମଧ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସୋର ବ୍ଲକ ଅଧୀନରେ ଥିବା କେଶରୀପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ୍ମାନ କାର୍ଡ ବଣ୍ଟନ କରା ଯାଇଛି ।ଏହି ଅବସରରେ କେଶରୀପୁର ଡାକ୍ତରଖାନାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ନରେନ୍ଦ୍ର ବିଶ୍ୱାଳ, ସମିତି ସଭ୍ୟ ମୁକେଶ ମଳିକ, ମାଣତ୍ରୀ ସରପଞ୍ଚ ବାଞ୍ଛାନିଧି ମଳିକ,ସମିତି ସଭ୍ୟ ରୀନାରାଣୀ ଜେନା ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଘଡେଇ, ମନୀଷା ଚିନ୍ମୟୀ ବେହେରା, ରାକେଶ ମଳିକ ଏବଂ ଆୟୁଷ ଡାକ୍ତର ରାଜଶ୍ରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବାଗୁଡ଼ି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ୍ମାନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ବାଗୁଡ଼ି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଲକ୍ଷ୍ମୀ ପ୍ରସାଦ ରାଉତ, ବିଧାୟକ ପ୍ରତିନିଧି ଅଖିଳରାମ ଜେନା, ସ୍ଥାନୀୟ ସରପଞ୍ଚ ଗଦାଧର ମହାପାତ୍ର, ସମିତି ସଭ୍ୟା ମୋନାଲିସା ପୃଷ୍ଟି, ଗୋପୀନାଥପୁର ସରପଞ୍ଚ ବନୀତା ପଣ୍ଡା, ସମିତି ସଭ୍ୟା ସସ୍ମିତା ବେହେରା, ଶିଙ୍ଗାଖୁଣ୍ଟା ସରପଞ୍ଚ ଅନାଦି ସାମଲ, ସମିତି ସଭ୍ୟ ପ୍ରଫୁଲ୍ଲ ସେଠୀ ଏବଂ ସ୍ୱାସ୍ଥ୍ୟ କର୍ମଚାରୀ ବିଶ୍ୱନାଥ ପାତ୍ର ଉପସ୍ଥିତ ରହି ସରକାରଙ୍କ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ୍ୱୟୋ ବନ୍ଦନା ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ବାବଦରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନେ ଉପସ୍ଥିତ ରହିଥିଲେ।

## ଏକ ମାସ ଭିତରେ ୧୭ ଲକ୍ଷ ଟଙ୍କାର ଘଣ୍ଟା ଘର ଅଚଳ

ଜଗତସିଂହପୁର,(ପି.ଏନ):ଜଗତସିଂହପୁର ପୋ ?ର ପରିଷଦ ଦ୍ୱାରା ସଂସ୍କୃତି ଭବନ ସମ୍ମୁଖରେ ୧୭ ଲକ୍ଷ ଟଙ୍କା ବ୍ୟୟରେ ଏକ ଘଣ୍ଟା ଘର (ୱାଚ ଟାୱାର) ନିର୍ମାଣ କରାଯାଇଛି। ଦୁଃଖର ବିଷୟ ଯେ ପୋ ?ର ପରିଷଦ ଦ୍ୱାରା ପ୍ରାୟ ୬ ଲକ୍ଷ ଟଙ୍କା ବ୍ୟୟରେ ଏଠାରେ କଲର ଫାଉଣ୍ଟେନ ନିର୍ମାଣ କରାଯାଇଥିଲା। ଏହି କଲର ଫାଉଣ୍ଟେନଟି ଗୋଟିଏ ବର୍ଷ ଭିତରେ ଦୁଇ ଥର ଅଚଳ ହେବା ପରେ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା ।ୱାଟର ଫାଉଣ୍ଟେନ



ମରାମତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବା ପରେ ବର୍ତ୍ତମାନ ୱାଟର ଫାଉଣ୍ଟେନକୁ ପୋତି ଘଣ୍ଟା ଘର (ୱାଚ ଟାୱାର) ନିର୍ମାଣ କରାଯାଇଛି। ଗତ ୧୪ ମାର୍ଚ୍ଚ ୨୦୨୫ରେ ଏହି ଘଣ୍ଟା ଘରଟି ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଉଦଘାଟନ କରିଥିଲେ। ମାତ୍ର ମାସେ ନପୁରୁଣୁ ଅର୍ଥାତ ୧୦ ଅପ୍ରେଲ ୨୦୨୫ ବେଳକୁ ଘଣ୍ଟା ଘରର ଗୋଟିଏ ପାର୍ଶ୍ୱ ଆଲୋକ ଜଳୁ ନଥିବା ଦେଖିବାକୁ ମିଳିଛି।

## ସୋର ପବ୍ଲିକ ସ୍କୁଲର ୨୬ତମ ବାର୍ଷିକ ଉତ୍ସବ ସମାପନ

ସୋର ,(ପି.ଏନ): ସୋର ପବ୍ଲିକ ସ୍କୁଲର ୨୬ ତମ ବାର୍ଷିକ ଉତ୍ସବ,କମର ପୁର ସ୍ଥିତ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି ।ଏହି ବାର୍ଷିକ ଉତ୍ସବର ସାଧାରଣ ସଭାକୁ ବିଦ୍ୟାଳୟର ସଭାପତି ମାୟାଧର ନାୟକ ପରିଚାଳନା କରିଥିବା ବେଳେ,ମୁଖ୍ୟ ବକ୍ତା ଭାବେ ସିପିଆଇର କେନ୍ଦ୍ର କମିଟି ସମ୍ପାଦକ ଶ୍ରମିକ ନେତା ରାମକୃଷ୍ଣ ପଣ୍ଡା ଯୋଗ ଦେଇ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ,ବର୍ତ୍ତମାନ ଅଭିଭାବକ ମାନେ ଇଂରାଜୀ ବିଦ୍ୟାଳୟ ମାନଙ୍କରେ ପିଲାମାନଙ୍କ ଉଚ୍ଚ ଭବିଷ୍ୟତ ଗଠନ ପାଇଁ




ବ୍ୟଗ୍ର ହେଉ ଥିବାବେଳେ,ଏଠି ୨୬ ବର୍ଷ ଧରି ଓଡ଼ିଆ ବିଦ୍ୟାଳୟରେ ଶିକ୍ଷାର୍ଜନ କରାଇ ଆତ୍ମନିର୍ଭର ଶିଳ କରାଇବାରେ ଅଭିଭାବକ ମାନଙ୍କର ମାନସିକତା ନିଶ୍ଚିତ ଓଡ଼ିଆ ମାନଙ୍କ ପାଇଁ ପ୍ରେରଣା ଦାୟକ ।ଓଡ଼ିଆ ମାଧ୍ୟମରେ ପାଠ ପଢିବା ସହ ନିଜ ଘରେ ବାପା ମାଙ୍କ ଦ୍ୱାରା ସଠିକ ମାର୍ଗରେ ପରିଚାଳିତ ହେଲେ ପିଲାମାନେ ବଡ଼ ହୋଇ ନିଶ୍ଚିତ ଦେଶ ଗଠନର ଦାୟାଦ ହୋଇପାରିବେ ।ମୁଖ୍ୟ ବକ୍ତା ଭାବେ ଏସସିବି ମେଡିକାଲ କଲେଜ ସଲ୍ୟଚିକିତ୍ସା ବିଭାଗର ଅବସର ପ୍ରାପ୍ତ ପ୍ରଫେସର ଶ୍ରୀକାନ୍ତ ପଣ୍ଡା ଯୋଗ ଦେଇ, ଆଜିର ସମାଜରେ ବାପା, ମା ମାନେ ନିଜ ସନ୍ତାନର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନିମନ୍ତେ, ନିଜକୁ ଅଭିଭାବକ ସହ ଶିକ୍ଷକ ହେବାକୁ ପଡ଼ିବ ବୋଲି ବକ୍ତବ୍ୟରେ କହିଥିଲେ ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ଇଣ୍ଡିଆନ ବ୍ୟାଙ୍କର ଡିଜିଏମ ତଥା ମୁଖ୍ୟ ଅଡିଟର ଅକ୍ଷୟ କୁମାର କର ଯୋଗ ଦେଇ ତାଙ୍କ ବକ୍ତବ୍ୟରେ ପିଲାମାନେ ସର୍ବଦା ବଡ ହେବାର ଲକ୍ଷ୍ୟ ନେଇ ନିରନ୍ତର ପ୍ରଚେଷ୍ଟା କଲେ ନିଶ୍ଚିତ ସଫଳତା ପାଇବେ। ଏଥି ପାଇଁ ଦୃଢ ମାନସିକତା ଏବଂ ନିରଳସ ଛାତ୍ର ଜୀବନ ଆବଶ୍ୟକ ବୋଲି ବକ୍ତବ୍ୟରେ ଉପସ୍ଥିତ ସାହସ୍ରାଧିକ ଛାତ୍ର ଛାତ୍ରୀ ଅଭି ଭାବକ,ଓ ଦର୍ଶକଙ୍କୁ ସମ୍ବୋଧିତ କରି ଥିଲେ। ସମ୍ପାଦକ ନରେନ୍ଦ୍ର କୁମାର ରାଉତ ସ୍ୱାଗତ ଭାଷଣ ଦେଇ ଥିବାବେଳେ ।ପ୍ରାରମ୍ଭରେ ପରିଚାଳନା କମିଟିର ସଦସ୍ୟ ଶ୍ରୀଧର ପ୍ରସାଦ ବେହେରା ମଞ୍ଚ ଆବାହନ କରିଥିଲେ ।ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ।ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପୂର୍ବତନ ଅଧକ୍ଷ୍ୟ ରାମ ନାରାୟଣ ଦାସ ମଞ୍ଚ ପରିଚାଳନା ସହ ସଂକୃତିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।




# ଝିଅ ମୃତ୍ୟୁର ନ୍ୟାୟ ପାଇଁ ଜିଲ୍ଲା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,(ପି.ଏନ): ସଦସର ଥାନା ପୋଲିସ ଠାରୁ ଝିଅକୁ ବିଷ ପିଆଇ ଶାଶୁ, ଯା ସହିତ ଦେଢୁଶୁର ମାରିଦେବା ପ୍ରତିବାଦରେ ନ୍ୟାୟ ପାଇବା ନିମନ୍ତେ ଜିଲ୍ଲା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କୁ ମୃତା ମହିଳାଙ୍କ ଦୁଇଟି କୁନି କୁନି ଛୁଆଙ୍କୁ ଧରି 'ମା ' ଏବଂ ଭଉଣୀ ଏକ ଲିଖିତ ଅଭିଯୋଗ ପତ୍ରଦ୍ୱାରା ଜଣାଇଛନ୍ତି ଯେ – ତାଙ୍କ ଝିଅ ପ୍ରଯୁକ୍ତା ଦାସ(୨୭) କେନ୍ଦ୍ରାପଡ଼ା ବ୍ଲକ ଆଧିନ ଆୟବା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲିଗୋଠ ଗ୍ରାମର ଅକ୍ଷୟ କୁମାର ଦାସଙ୍କ ପୁଅ ଜ୍ଞାନ ରଞ୍ଜନ ଦାସଙ୍କୁ ମାତ୍ର ୧୯ ବର୍ଷ ବୟସରେ ୨୦୧୭ ମସିହାରେ ପ୍ରେମ ଜନିତ ବିବାହ କରିଥିଲା । ବିବାହର ଦୀର୍ଘ ୭ ରୁ ୮ ବର୍ଷହେବ ସେ ତାର ଶାଶୁଘରେ ରହି ଏହି ମାତ୍ର ୩ ବର୍ଷ ତଳେ ଅଙ୍ଗନବାଡି ଶିକ୍ଷୟିତ୍ରୀ ଭାବେ କାମକରି ଆସୁଥିଲା । ତାର ଗୋଟେ ୬ ବର୍ଷର ଝିଅ ଏବଂ ଆଉ ଏକ ମାତ୍ର ୭ ମାସର କୁନି ଝିଅ ମଧ ରହିଛି । ସେ ବିବାହ କରିବା ଦିନଠାରୁ ତାର ଶାଶୁ ଆଉ ଯା ମିଶି ସବୁବେଳେ ମାଡ଼ ଗାଳି ଦେବା ସହିତ ଯୌତୁକ ନିର୍ଯାତନା ଦେଇ ଆସୁଥିଲେ । ସେ ବାରମ୍ବାର ଶାଶୁଘରେ ତାକୁ ନିର୍ଯାତନା ଦିଅ ଯାଉଛି ବୋଲି ବାପଘର ଲୋକଙ୍କୁ ଫୋନ ଯୋଗେ ଅଭିଯୋଗ କରି ଆସୁଥିଲେ । ସ୍ୱାମୀ ବିଦେଶରେ ରହୁଥିବାରୁ ତାହାରି ସୁଯୋଗ ନେଇ ଗତ ଏପ୍ରିଲ ମାସ ଏକ ତାରିଖ ଦିନ ଜୋର ଜବର ଦସ୍ତ ତାର ଶାଶୁ ମୀରା ମଞ୍ଜରୀ ଦାସ ଏବଂ ଯା ସୋନାଲି ଦାସ ଏବଂ ଦେଢୁଶୁର ରଞ୍ଜନ ଦାସ ତାକୁ ମାଡି ବସି ତାର ପାଟିରେ ବିଷ ପିଆଇ ଦେଇଥିଲେ । ଯାହା ଫଳରେ ସେ ସେହିଠାରେ ତଳେପଡି ଛଟପଟ ହେଉଥିବା କିଛି ପାଖ ପଡୋଶୀ ଲୋକ ଦେଖି ତାଙ୍କୁ ମେଡିକାଲ ନେବା ସହିତ ତାର ବାପ ଘରକୁ ଲୋକଙ୍କୁ ମଧ ଖବର ଦେଇ ଥିଲେ । ପରେ ମେଡିକାଲରେ ତାଙ୍କ ଝିଅ ପ୍ରଯୁକ୍ତା ଦୀର୍ଘ ୧୮ ଦିନ ରହିବା ପରେ ମୃର୍ତ୍ୟୁ ବରଣ କରିଥିଲା । ଝିଅର ମୃର୍ତ୍ୟୁ ପରେ 'ମା ' ସଦର ଥାନାରେ ପ୍ରଯୁକ୍ତଙ୍କ ଶାଶୁ, ଯା ଓ ଦେଢୁଶୁର ତିନି ଜଣଙ୍କ ନାମରେ ଲିଖିତ



ଅଭିଯୋଗ କରିବା ପରେ ମଧ ସଦର ପୋଲିସ ଲାଞ୍ଚଖାଇ ଏପର୍ଯନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ ନକରିବାରୁ ମୃର୍ତକଙ୍କ ପରିବାର ଲୋକେ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା ଏବଂ ତାଙ୍କ ଝୁଅକୁ ନ୍ୟାୟ ଦେବାପାଇଁ ସଦର ଥାନା ପୋଲିସ ବିରୋଧରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଆଜି ଅଭିଯୋଗ କରିଥିବା ଗଣ ମାଧମକୁ ସୂଚନା ଦେଇ କହିଛନ୍ତି । ତେବେ ଦେଖାଯାଉ କେବେ ଜିଲା ପୋଲିସ ପ୍ରଶାସନ ମୃତକଙ୍କ ପରିବାରକୁ ଦେଉଛି ନ୍ୟାୟ ଏବଂ କେବେ ଗିରଫ କରୁଛି ଅଭିଯୁକ୍ତ ମାନଙ୍କୁ ଜାହା ଖାଲି ଦେଖିବାକୁ ବାକି ରହିଲା ।

# ୨-୦ଗୋଲରେ ବୈରାଗୀହାଲୁଆକୁ ହରାଇ କୋଦମା ବିଜେତା

ରାୟଗଡ଼ା ,(ପି.ଏନ): ରାୟଗଡ଼ା ସ୍ଥିତ ସ୍ଥାନୀୟ ଜିସିଡି ହାଇସ୍କୁଲ ପଡିଆ ଠାରେ ଗତ ୬ ତାରିଖ ଠାରୁ ଆରମ୍ଭ ହୋଇଥିବା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିୟନ ଟ୍ରଫି ଟୁର୍ଣ୍ଣାମେଂଟ – ୨୦୨୫ ର ମ୍ୟାଚ ନମ୍ବର ୫ ରେ ଆଜି ବୈରାଗୀହାଲୁଆ ଟିମକୁ ହରାଇ ଗୁଡାରୀ ବ୍ଲକ କୋଦମା ଟିମ୍ ବିଜେତା ହୋଇଛି । ବୈରାଗୀହାଲୁଆ ଟିମକୁ ୨-୦ଗୋଲରେ ପରାସ୍ତ କରି କୋଦମା ଟିମ୍ ବିଜେତା ହୋଇଛି । ଜିଲ୍ଲା କ୍ରୀଡା ଅଧିକାରୀ ଶେଖ୍ ଅଲିନୁରଙ୍କ ତତ୍ୱାବଧାନରେ ଆୟୋଜିତ ଏହି ଟୁର୍ଣ୍ଣାମେଂଟର ଆଜିର ଏହି ଲିଗ୍ ମ୍ୟାଚକୁ ସୂଚନା ଓ ଲୋକ ସଂପର୍କ ବିଭାଗ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ଶିବ ନାରାୟଣ ଗଉଡ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିବା ବେଳେ ଶ୍ରୀ ପ୍ରଧାନ ଖେଳୁଆଡ ମନୋଭାବ ରଖି ସମସ୍ତ ଖେଳାଳୀ ଖେଳିବା ଆବଶ୍ୟକ ବୋଲି କହିଥିଲେ । ସେହିପରି ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅଲିନୁର ଟୁର୍ଣ୍ଣାମେଂଟର କାର୍ଯ୍ୟସୂଚୀ ଉପରେ ଆଲୋକପାତ କରିଥିଲେ । ଆସନ୍ତା ଏପ୍ରିଲ୍ ୧୫ତାରିଖରେ ଏହି ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ୩ଟି ଫୁଟବଲ କ୍ଲବ ସମେତ ୫ଟି ହାଇସ୍କୁଲ ଟିମ୍ ମୋଟ ୮ଟି ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି । ଗ୍ରୁପ୍ ଏ'ରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବୈରାଗୀହାଲୁଆ,ମା ମଝିଘରିଆଣୀ ଫୁଟବଲ କ୍ଲବ,ରାୟଗଡ଼ା,ସରକାରୀ ହାଇସ୍କୁଲ,କୋଦମା,ଗୁଡାରୀ ଓ ଗୋପବନ୍ଧୁ ମ୍ୟୁନିସିପାଲଟି ହାଇସ୍କୁଲ ,ରାୟଗଡ଼ା ଟିମ ରହିଥିବା ବେଳେ ଗ୍ରୁପ୍ ବି'ରେ ଇଏଆରସି,ଶିରିଗୁଡା,ରାୟଗଡ଼ା,ଟାଉନ ଫୁଟବଲ କ୍ଲବ,ରାୟଗଡ଼ା,ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,ହାଲୁଆ ଏବଂ ବିଷମକଟକ ସରକାରୀ ହାଇସ୍କୁଲ ଟିମ୍ ରହିଛନ୍ତି । ୧୫ବର୍ଷରୁ କମ ଏହି ଫୁଟବଲ ଟୁର୍ଣ୍ଣାମେଂଟରେ ଯେଉଁ ଦଳ ବିଜେତା ହେବ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅଲିନୁର କହିଛନ୍ତି ।

# ଓଡ଼ିଆ ପକ୍ଷ ପାଳନର ଏକାଦଶ ଦିବସରେ ଯୁବ ଲେଖକ ସମ୍ମିଳନୀ ଆୟୋଜିତ

ବରଗଡ,(ପି.ଏନ): ଭଲ କାହାଣୀ, ଭଲ ନାଟକ ଏବଂ ଭଲ କବିତା ଦ୍ୱାରା ଓଡ଼ିଆ ଭାଷା ତିଷ୍ଠି ରହିପାରିବ । ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିବାର ଗୁରୁ ଦାୟିତ୍ୱ ରହିଛି । ସେମାନଙ୍କ ଲେଖନୀ ମୁନରେ ହିଁ ଏ ସ୍ୱପ୍ନ ସାକାର ହୋଇପାରିବ । ଏଣୁ ସେମାନଙ୍କୁ ସମ୍ମାନିତ କରିବା, ସେମାନଙ୍କ କାର୍ଯ୍ୟ ଓ ଦକ୍ଷତାକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟ ନେଇ ଆଜି ସ୍ଥାନୀୟ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଜିଲାସ୍ତରୀୟ ଯୁବ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଅଛି । ଏହି ସମ୍ମିଳନୀରେ ଓଡ଼ିଆ ଜାତୀୟତା, ସଂସ୍କୃତି ଏବଂ ପରଂପରା ଆଧାରିତ ଓଡ଼ିଆ କବିତା ଲିଖନ, ଓଡ଼ିଆ ଗଳ୍ପ ଲିଖନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଭାଗ ନେଇ ନିଜ ଗଳ୍ପ, ପ୍ରବନ୍ଧ ଏବଂ କବିତା ମଧ୍ୟମରେ ନିଜ କଳ୍ପନାର ପରିପ୍ରକାଶ କରିଥିଲେ । ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶ୍ରୀକ୍ଷୟିତ୍ରୀ ସୁଶ୍ରୀ ଶାନ୍ତି ସୁନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ



ଖୋସ୍ଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାର ବିଶିଷ୍ଟ ସାହିତ୍ୟିକ, ଲେଖକ, ଗାଳ୍ପିକ ଶ୍ରୀ ଦିବ୍ୟ କିଶୋର ଦେବତା, ଶ୍ରୀ ମାନରଞ୍ଜନ ମେହେର, ପାର୍ବତୀଗିରି ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶ୍ରୀ ପ୍ରଦୀପ ହୋତା, ସରକାରୀ ମହା ବିଦ୍ୟାଳୟ, ବଲାଙ୍ଗିରର ପୂର୍ବତନ ଅଧକ୍ଷ ଡ଼ ଅଶୋକ ମହାପାତ୍ର, ଭରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ତାହିର ହୁସେନ ଏବଂ ଜିଲ୍ଲା ଇ-ପ୍ରଶାସନ ଅଧିକାରୀ ଶ୍ରୀ ମସ୍ତରାମ ଛନ୍ଦ ପ୍ରମୁଖ ଯୋଗ ଦେଇ ଯୁବ ଲେଖକଙ୍କୁ ଉତ୍ସାହିତ କରିଥିଲେ ।

# ଚୌଧୁରୀ ସାହି ରାଧାକାନ୍ତ ଜୀଉଙ୍କ ରାମ ଚରିତ ମାନସ ଅନୁଷ୍ଠିତ

ମାହାଙ୍ଗା ,(ପି.ଏନ): ପବିତ୍ର ଶ୍ରୀ ରାମନବମୀ ଅବସର ରେ ଉତ୍ସବ୍ ମୁଖର ହୋଇ ଉଠିଛି ମାହାଙ୍ଗା ବ୍ଲକ ଝାଡେଶ୍ୱର ପୁର ର ର ଚୌଧୁରୀ ସାହି ରାଧାକାନ୍ତ ଜୀଉଙ୍କ ପୀଠ ସ୍ଥଳୀ। ସନ୍ଥ ତୁଳସୀ ଦାସଙ୍କ ରଚିତ ରାମ ଚରିତ ମାନସ ହିନ୍ଦୁମାନଙ୍କ ଚରିତ ମଧରେ ଏକ ଅମୁଲ୍ୟ ଏବଂ ଅଦୁତିୟ୍ ଗ୍ରନ୍ଥ ବୋଲି ବିବେଚିତ ହୋଇଥାଏ। ଏହାର ଭାବ ଏତେ ଗଭୀରତମ ଏବଂ ହୃଦୟସ୍ପର୍ଶି ଯେ ଏ ତାହା ସମଗ୍ର ଭାରତ ର ପ୍ରାନ୍ତିୟ ଭାଷାରେ ଅନୁଦିତ ହୋଇ ଜନ ମାନସକୁ ବେଶ ପ୍ରଭାବିତ କରିଥାଏ। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ପବିତ୍ର ଶ୍ରୀ ରାମ ନବମୀ ଠାରୁ ୯ ଦିନ ଧରି ଝାଡ଼େସ୍ୱର ପୁର ଚୌଧୁରୀ ସାହିର ରାଧାକାନ୍ତ ଜୀଉ ଙ୍କ ପ୍ରାଙ୍ଗଣରେ ପୂର୍ଣମୀ ପର୍ଯ୍ୟନ୍ତ ଦୀର୍ଘ ୯ଦିନ ଧରି ସନ୍ଥ ତୁଲସୀ ଦାସଙ୍କ ରଚିତ ରାମ ଚରିତ ମାନସ ପାଠ କରାଯିବା ର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ ପୁରୁଷ ପୁରୁଷ ଧରି ,କାଇଁ କେଉଁ ପୂରାଣ କାଳରୁ ଏହି ରାଧାକାନ୍ତ ଜୀଉ ପିଠ ରେ ରାମଚରିତମାନସ ପାଠ କରାଯାଇ ଆସୁଅଛି। ଏହି ପିଠର ରଘୁନାଥ ଙ୍କ ନିକଟରେ କେହି ଭକ୍ତ କେବେ ବି ଖାଲି ହାତରେ ଫେରି ଥିବା ର ନଜିର ନାହିଁ ବୋଲି ଗ୍ରାମ





ବାସୀ ମାନେ ବିଶ୍ୱାସ କରନ୍ତି। ରାମ ଚରିତ ମାନସ ଶ୍ରବଣ ନିମନ୍ତେ ଏଠାରେ ବହୁ ଭକ୍ତ ଙ୍କ ସମାଗମ ହୋଇଥାଏ। ଏହ ପିଠ ର ପରମ୍ପରା ଅତି ନିଆରା ହୋଇଥାଏ। ନ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟକ ଦିନ ଗ୍ରାମବାସୀଙ୍କ ଦ୍ୱାରା ମନ୍ଦିରରେ ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥାଏ। ଶେଷ ଦିନ ବା ପୂର୍ଣମୀ ଦିନ ନିଆରା ଢଙ୍ଗରେ ଦାଣ୍ଡ ଯାତ୍ରା ଅନୁଷ୍ଠିତ ହୋଇଥାଏ ।ଏହି ଅନୁଷ୍ଠାନର ସନ୍ତୋଷ କୁମାର ପ୍ରହାରାଜ ମୁଖ୍ୟ ସହଯୋଗୀ ହୋଇଥିବା ବେଳେ ଦେବୀପ୍ରସାଦ ପ୍ରହାରାଜ୍,ଗୋକୁଳାନନ୍ଦ ପ୍ରହରାଜ,ନନ୍ଦକିଷୋର୍ ମୋହାପାତ୍ର,ପବିତ୍ର ମୋହନ ପ୍ରହାରାଜ ଶ୍ରୀନିବାସ,ନୃସିଂହ ଚରଣ ପ୍ରହାରାଜ୍ ଆଦି ଗ୍ରାମବାସୀ ମାନଙ୍କ ସହଯୋଗ ଦେଖିବାକୁ ମିଳେ।

# ତିର୍ତ୍ତୋଲରେ ଆୟୁଷ୍ମାନ ଭାରତ ସ୍ୱାସ୍ଥକାର୍ଡ ବଣ୍ଟନ

ତିର୍ତ୍ତୋଲ ,(ପି.ଏନ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଜଗନ୍ନାଥ ପୁର ପ୍ରାଥମିକ ସ୍ୱାସ୍ଥକେନ୍ଦ୍ର ଏବଂ ବଡ଼ିଜଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ର ନୂତନ କାର୍ଡ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ପୁର ସ୍ୱପ୍ନେଶ୍ୱର ହାଟ ପଡିଆ ଠାରେ ଜଗନ୍ନାଥ ପୁର ପ୍ରାଥମିକ ସ୍ୱାସ୍ଥକେନ୍ଦ୍ର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାୟକ, ଜଗନ୍ନାଥ ପୁର ନୋମିନି ହମିଦା ବେଗମ, ଗୋବିନ୍ଦ ପୁର ନୋମିନି ଦେବୀପ୍ରସାଦ ନାୟକ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ଅଧିକାରୀ ଡ଼ ଯ୍ୱିତେଶ ପରିଡା ଏବଂ ଡ଼ ଦିଲ୍ଲୀପ କୁମାର ମିଶ୍ର ଯୋଗଦେଇ ଉପସ୍ଥିତ ଜନସାଧାରଣ ଙ୍କୁ ଏହି କାର୍ଡ ବିଷୟରେ ଅବଗତ କରାଇଥିଲେ। ସୁପର ଭାଇଜର ମନୋରଞ୍ଜନ ପରିଡା ଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ



ଆୟୋଜନ କରାଯାଇଥିଲା ବେଳେ ଏଥିରେ ସି ଏଚ ଓ , ଆଶାକର୍ମୀ, ଅଙ୍ଗନବାଡି କର୍ମୀ ସହ ସାତସହ ପାଖାପାଖି ମହିଳା ମାନେ ଯୋଗଦେଇଥିଲେ। ସେହିଭଳି ବଡ଼ିଯଙ୍ଗା ସ୍ୱାସ୍ଥକେନ୍ଦ୍ର ର ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାପରିଷଦ ଙ୍କ ପ୍ରତିନିଧି ପ୍ରୀତିରଞ୍ଜନ ଖୁଣ୍ଟିଆ, ଗରାମ ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚଇନି,ସମିତି ସଭ୍ୟ ଉମେଶଚନ୍ଦ୍ର ବାରିକ, କୋଷ୍ଟିମଲ୍ଲୀକା ପୁର ସରପଞ୍ଚ ବିଭୂପ୍ରସାଦ ମହାନ୍ତି ଏବଂ ମଣିଜଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ ଗୀତାଞ୍ଜଳି ସିଂ ପ୍ରମୁଖ ଯୋଗଦେଇ ଏହି କାର୍ଡ ବିଷୟରେ ଉପସ୍ଥିତ ଜନସାଧାରଣ ବୁଝାଇଥିଲେ। ବଡ଼ିଜଙ୍ଗା ମେଡିକାଲ ଅଫିସର ଡାକ୍ତର ମାନସ ରଞ୍ଜନ ରାଉତ,ଡାକ୍ତର ପୁଷ୍ପବନ ରାଉତ, ସିଏଚଓ ସସ୍ମିତା ସାହୁ, ସାଇ ସମର୍ପିତା ମହାପାତ୍ର, ସ୍ୱାସ୍ଥ୍ୟକର୍ମୀ ସଞ୍ଜୁଲତା ଖୁଣ୍ଟିଆ,ବିନୀତି କୁଲୁ ପ୍ରମୁଖ ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବା ବେଳେ ସ୍ୱାସ୍ଥ୍ୟକର୍ମୀ ଅମିତ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ ।ପ୍ରଖୋର ଖରାକୁ ଆଖି ଆଗରେ ରଖି ସ୍ୱାସ୍ଥ୍ୟ କେନ୍ଦ୍ର ପଖରୁ ଜଳ ଛତ୍ର ସହ ମଧ୍ୟାହ୍ନ ଭୋଜନ ର ବ୍ୟବସ୍ଥା କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏଭିଳି ସୁ ବନ୍ଦବସ୍ତ ପାଇଁ ଜନସାଧାରଣ ମାନେ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଜାମୁଣ୍ଡାରେ ଘରୁ ଚୋରୀ ଘଟଣା ୧୮ ଗ୍ରାମ ସୁନା ଜବତ ଜଣେ ଗିରଫ

ବୋରିଗୁମ୍ମା,(ପି.ଏନ): ବୋରିଗୁମ୍ମା ଥାନା ଅନ୍ତର୍ଗତ ଜାମୁଣ୍ଡା ଗ୍ରାମରେ ଜଣେ ବ୍ୟକ୍ତି ଙ୍କ ଘରୁ ଚୋରୀ ହେବା ଘଟଣା ବୋରିଗୁମ୍ମା ପୋଲିସ କୁ ସଫଳତା ମିଳିଛି ।ବିଳମ୍ବ ରେ ହେଲେ ବି ପୋଲିସ ଜଣେ ଅଭିଯୁକ୍ତ କୁ ଗିରଫ କରିବା ସହ ୧୮ ସୁନା ର ପାଞ୍ଚ ହଳ କାନ ଫୁଲ କୁ



ଜବତ କରିଛି ।ଗିରଫ ବ୍ୟକ୍ତି ଙ୍କ ନାମ ଶଙ୍କର ପଣ୍ଡା (୨୬ ବର୍ଷ) ଘର ଜାମୁଣ୍ଡା ରେ ପୋଲିସ ସୂଚନା ଦେଇଛନ୍ତି ।ପ୍ରକାଶ ଥାଉକି ଗତ ୨୪.୦୨.୨୦୨୫ ରେ ଜାମୁଣ୍ଡା ଗ୍ରାମର ସୁଶୀଳା ବିଶୋଇ ଙ୍କ ଘରୁ ଚୋରୀ ହେବା ନେଇ ବୋରିଗୁମ୍ମା ଥାନାରେ ଲିଖିତ ଭାବେ ଜଣାଇଥିଲେ। ଏନେଇ ଥାନାରେ ଏକ ମାମଲା କେସ ନମ୍ବର-୪୫/୨୫ ଦଫା ୩୩୧(୩),୩୦୫ ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସଆଇ ଦ୍ରୋଣାଚାର୍ଯ୍ୟ ବାଗ ଘଟଣା ର ତଦନ୍ତ କରୁଥିବା ଜଣାଯାଇଛି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଜିଲ୍ଲା ନୋଡାଲ ସଚିବ ତଥା ଆୟୁକ୍ତ ହସ୍ତ ତନ୍ତ, ବୟନ ଓ ହସ୍ତ ଶିଳ୍ପ ଏବଂ ଅବକାରୀ ବିଭାଗଙ୍କ ଜିଲ୍ଲା ଗସ୍ତ



ସୁବର୍ଣ୍ଣପୁର,(ପି.ଏନ): ଛାତ୍ର ଛାତ୍ରୀଙ୍କ ସହ ମିଶି କଲେ ମଧ୍ୟାହ୍ନ ଭୋଜନ ସୁବର୍ଣ୍ଣପୁର, ତା ୧୧/୦୪/୨୫:ରାଜ୍ୟ ହସ୍ତ ତନ୍ତ, ବୟନ ଓ ହସ୍ତ ଶିଳ୍ପ ଏବଂ ଅବକାରୀ ବିଭାଗ ଆୟୁକ୍ତ ତଥା ଜିଲ୍ଲା ନୋଡାଲ ସଚିବ ଗୁହା ପୁନମ ତାପସ କୁମାର ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ କାର୍ଯ୍ୟକାରି ବିଭିନ୍ନ ଉନ୍ନୟନ ତଥା ଲୋକାଭିମୁଖୀ ଯୋଜନା ଗୁଡିକର ସଫଳ କାର୍ଯ୍ୟକାରିତାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ସେ ଏହି ପରିପ୍ରେକ୍ଷୀରେ ତା.୧୧/୦୪/୨୫ରେ ସୋନପୁର ପୌର ପରିଷଦ ଅନ୍ତର୍ଗତ ସୁରେଶ୍ୱରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ର ଛାତ୍ରୀଙ୍କ ସହ ଶିକ୍ଷା ଓ ଶିକ୍ଷା ଦାନ ସମ୍ପର୍କରେ ପଚାରି ବୁଝିଥିଲେ । ପରେ ପି ଏମ ଶ୍ରୀ ସ୍କୁଲ ଯୋଜନା ଅନ୍ତର୍ଗତ ମହାରାଜା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ସ୍କୁଲର ଶୈକ୍ଷିକ ବାତାବରଣ, ସ୍କୁଲର ଖେଳ ପଡିଆ ତଥା ଶିକ୍ଷା ଦାନ ଉପରେ ପଚାରିବୁଝିବା ସହ ଛାତ୍ର ଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିଥିଲେ ଏବଂ ସ୍କୁଲ ଛାତ୍ରଙ୍କ ସହ ଏକାଠି ବସି ମଧ୍ୟାହ୍ନ ଭୋଜନ କରିଥିଲେ। ତତ୍ପରେ ଜିଲ୍ଲାର କଳାପଥର ଠାରେ ସ୍ଥିତ ମଦ ନିଗମ ଡିପୋ ପରିଦର୍ଶନ କରି ସମସ୍ତ ଷ୍ଟକ ଯାଞ୍ଚ କରିଥିଲେ। ରୁଗୁଡ଼ିପାଲି ଅଙ୍ଗନୱାଡି କେନ୍ଦ୍ର ଠାରେ ସ୍ୱୟଂ ସହାୟକ ସଦସ୍ୟା, ସୁଭଦ୍ରା ହିତାଧିକାରୀ ତଥା ପ୍ରଧାନ ମନ୍ତ୍ରୀ ପୋଷଣ ହିତାଧିକାରୀ ଙ୍କ ସହ ଭାବବିନିମୟ କରିଥିବା ବେଳେ ଶିଶୁଙ୍କ ସହ ଭାବ ବିନିମୟ କରିଥିଲେ ସଚିବ। ସେ ଏହି ଅବସରରେ ଶିଶୁ ବଟିକା ଯୋଜନା, ଅଙ୍ଗନବାଡି ଶିଶୁଙ୍କ ଆଧାର କାର୍ଡ ସଂଯୋଗୀକରଣ, ପିଲାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପ୍ରଭୃତି ଉପରେ ସମ୍ପୃକ୍ତ କେନ୍ଦ୍ର କର୍ମୀ ଙ୍କୁ ପଚାରିବୁଝିଥିଲେ । ସାଗରପାଲି ଠାରେ ବୁଣାକାର ସୁବିଧା କେନ୍ଦ୍ର ପରିଦର୍ଶନ କରି ଉତ୍ପାଦ ଗୋଷ୍ଠୀଙ୍କ ସହ ହସ୍ତତନ୍ତ ଉପରେ ଭାବବିନିମୟ କରି ସ୍ଥାନୀୟ, ସୋନପୁରୀ,ସମ୍ବଲପୁରୀ, ପାଟଶାଢ଼ୀ, ପାଟବସ୍ତ୍ରର ଉତ୍ପାଦ ଓ ବଜାରୀକରଣ ଉପରେ ଆଲୋଚନା କରିଥିଲ। ଅପରାହ୍ନ ରେ ଜିଲ୍ଲା ନୋଡାଲ ସଚିବ ସ୍ଥାନିୟ ସର୍କିଟ ହାଉସ ଠାରେ ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସେ ଜିଲ୍ଲାର ବିଭିନ୍ନ ଯୋଜନା ର କାର୍ଯ୍ୟକାରିତା ଉପରେ ଖୁସି ବ୍ୟକ୍ତ କରିଥିବାବେଳେ ସମସ୍ତ ବିଭାଗ ସେମାନେ ନିଜନିଜ ବିଭାଗୀୟ କାର୍ଯ୍ୟରେ ଉଚ୍ଚକୋଟୀର କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି। ସେ ଏହି ଅବସରରେ ଜିଲ୍ଲାସ୍ତରରେ କୌଣସି ବିଭାଗୀୟ ଉନ୍ନୟନ କାର୍ଯ୍ୟ ପ୍ରକଳ୍ପକୁ ସହମତି ଭିତ୍ତିରେ ସମ୍ପାଦନ କରିବାକୁ କହିଥିଲେ। ସେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତାର ସୁବିଧା ଅସୁବିଧା ଉପରେ ସମ୍ପୃକ୍ତ ଅଧିକାରୀଙ୍କୁ ପଚାରି ବୁଝିଥିଲେ।

## ବାଂଶପାଣି ରେଲସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/୨୦୨୦ ଦଫା ୧୪୭/୧୪୮/୪୫୨/୩୨୩/୩୨୫/୪୩୬/୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧିବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଘାନିଆ କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ର ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ ଯୋଡା ଥାନା ପୋଲିସ ଏଯାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଯାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି। ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

## ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି। ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

## ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।



୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Tuesday June 3 | ଭୁବନେଶ୍ୱର ମଙ୍ଗଳବାର, ୩, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ଖରିଫ୍ ଧାନ କିଣାରେ ସ୍ୱଚ୍ଛତା କୁ ଦିଆଯିବ ଗୁରୁତ୍ୱ : ମହେଶ୍ୱର ସାହୁ



କେନ୍ଦୁଝର, ବିଜେପି କୃଷକ ମୋର୍ଚ୍ଚା ତରଫରୁ ଆଜି କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଉପସ୍ଥିତ ରହି ଗଣମାଧ୍ୟମ କୁ ସୂଚନା ଦେଇ କହିଛନ୍ତି ଆସନ୍ତା ନଭେମ୍ବର ୨୦ ତାରିଖ ଠାରୁ ଓଡ଼ିଶାରେ ଖରିଫ୍ ଧାନ କିଣାର ଶୁଭାରମ୍ଭ ହେବାକୁ ଥିବା ବେଳେ ଏହି ଧାନ କିଣାରେ ବ୍ୟାପକ ସ୍ୱଚ୍ଛତା ର ସହିତ କରାଯିବା ସହିତ ମିଲ ମାଲିକ ମାନଙ୍କର ଦାଦାଗିରି କୁ ବନ୍ଦ କରାଯିବ । ତାସହିତ ଧାନ କିଣା କାରବାରରେ ଯଦି କୌଣସି ଅଧିକାରୀ, କର୍ମଚାରୀ ଅସାଧୁ ଉପାୟ ଅବଲମ୍ବନ କରନ୍ତି, ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ସାହୁ ତାଙ୍କର ବକ୍ତବ୍ୟ ରେ କହିଥିଲେ । ଓଡ଼ିଶା ର ଚାଷୀ ମାନଙ୍କୁ ସମୃଦ୍ଧ କରିବା ସହିତ ଚାଷୀ ମାନଙ୍କ ର ଆୟ କୁ ଦୁଇ ଗୁଣା କରିବା ପାଇଁ ମୋହନ ଚରଣ ମାଝିଙ୍କ ସରକାର ୪ ମାସ କାର୍ଯ୍ୟକାଳ ଅବଧି ମଧ୍ୟରେ ଧାନ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା, ୬ ଲକ୍ଷ ଚାଷୀ ମାନଙ୍କୁ ପି.ଏମ. କିସାନ ରେ ସାମିଲ କରିବା, ସି.ଏମ. କିସାନ ଯୋଜନାରେ ୪୬ ଲକ୍ଷ ଚାଷୀ ଙ୍କୁ ସାମିଲ କରିବା, ୫୮ ଟି ସବ୍ଡିଭିଜନ ରେ ଶୀତଳଭଣ୍ଡାର କରିବା, ଚାଷୀ ପରିବାର ପିଲା ମାନଙ୍କୁ ଉଚ୍ଚଶିକ୍ଷା ପାଇଁ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା , ୩୧୪ ବ୍ଲକ ରେ ପନିପରିବା ମଣ୍ଡି କରିବା ନିଷ୍ପତି ଐତିହାସିକ ଓ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ବୋଲି ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀ ପୁଲିନ୍ ପ୍ରକାଶ ପୁହାଣ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଶ୍ରୀଧର ସାହୁ, ରାଧାକାନ୍ତ ମହାନ୍ତ ପ୍ରମୁଖଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ଏମ୍ପିସି ସ୍ୱୟଂଶାସିତ କଲେଜରେ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ

### ଶୃଙ୍ଖଳା ଓ ନିରନ୍ତର ପ୍ରସ୍ତୁତି ହିଁ ଚାପ ମୁକ୍ତିର ମନ୍ତ୍ର: ସ୍ୱାମୀ ଚିଦ୍ରୁପାନନ୍ଦ




ବାରିପଦା : ସମ୍ପ୍ରତି ପରୀକ୍ଷାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାପ ଓ ଭୟ ରହିବା ଏକ ସ୍ୱାଭାବିକ ପ୍ରସଙ୍ଗ ପଲଟିଛି । ପରୀକ୍ଷା ସମୟରେ କିପରି ଚାପ ମୁକ୍ତ ରହିହେବ ସେ ସମ୍ପର୍କରେ ସ୍ଥାନୀୟ ଏମ୍ ପି ସି ସ୍ୱୟଂଶାସିତ କଲେଜର ସମ୍ମିଳନୀ କକ୍ଷରେ ଚିନ୍ମୟ ମିସନ୍ ନୋଏଡା କେନ୍ଦ୍ରର ଆଚାର୍ଯ୍ୟ ସ୍ୱାମୀ ଚିଦ୍ରୁପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନେ କିପରି ଚିନ୍ତା ଓ ଚାପରୁ ମୁକ୍ତ ହୋଇ ପରୀକ୍ଷାକୁ ସାମ୍ନା କରିବେ, ସେ ସମ୍ପର୍କରେ ନାନାଦି ସହଜ ପନ୍ଥା ଓ କୌଶଳ ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ ମାଧ୍ୟମରେ ସ୍ୱାମୀଜୀ ବିଷଦ ବ୍ୟାଖ୍ୟା କରିଥିଲେ । ବିଦ୍ୟାର୍ଥୀ ଜୀବନରେ ସଫଳ ହେବାକୁ ହେଲେ ପାଞ୍ଚଟି ସୁବର୍ଣ୍ଣ ନିୟମ ଅନୁସରଣ କରିବାକୁ ପରାମର୍ଶଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚିନ୍ମୟ ମିସନ୍ ବାରିପଦା କେନ୍ଦ୍ରର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ଲାଠିକଟା କେନ୍ଦ୍ରର ଆଚାର୍ଯ୍ୟ ବ୍ରହ୍ମଚାରୀ ଅନିକେତ ଚୈତନ୍ୟ, ଉଦଳା କେନ୍ଦ୍ରର ଆଚାର୍ଯ୍ୟ ବ୍ରହ୍ମଚାରୀ ଅଚ୍ୟୁତ ଚୈତନ୍ୟ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ବୀରଭଦ୍ର ସିଂ, ଚିନ୍ମୟ ମିସନ୍ ବାରିପଦା କେନ୍ଦ୍ରର ସମ୍ପାଦକ ଅଜିତ କୁମାର ବେହେରା ଓ ଚିନ୍ମୟ ଯୁବ କେନ୍ଦ୍ରର ସଭାପତି ସବ୍ୟସାଚୀ ପଲେଇ ଯୋଗ ଦେଇଥିଲେ । ବକ୍ତୃତା ଶେଷରେ ପୂର୍ବତନ ରାଜ୍ୟ ସଭା ସାଂସଦ ବୀରଭଦ୍ର ସିଂ ସ୍ୱାମୀଜୀଙ୍କ ବକ୍ତୃତା ଦ୍ୱାରା ଛାତ୍ରଛାତ୍ରୀ ମାନେ ଅନୁପ୍ରାଣିତ ହେଲେ ସେମାନଙ୍କ ଜୀବନ ଶୃଙ୍ଖଳିତ ଓ ବିକଶିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ଶେଷରେ କଲେଜର ପ୍ରଶାସନିକ ମୁଖ୍ୟ ଡ ଦୀପକ ବେହେରା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଡ. ସିଦ୍ଧେଶ୍ୱର ପଣ୍ଡା, ଡ. ଦୟାନିଧି ପରିଡ଼ା, ଡ. ପ୍ରିୟବ୍ରତ ବେହେରା ଡ. ଅନାମ ରାଉଳ, ଡ. ପ୍ରଭାକର ଦୁଆରୀ, ଡ. ନରେନ୍ଦ୍ର ବେହେରା ସମେତ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## ଦିନ କୁ ଦିନ ବଢି ଚାଲିଛି ଭାଲୁ ଆତଙ୍କ ୩ଦିନରେ ୪ ଜଣ ଗୁରୁତର



ମୟୁରଭଞ୍ଜ : ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳ ରେ ଦିନକୁ ଦିନ ଭାଲୁଆକ୍ରମଣ ର ଶିକାର ହେଉଛନ୍ତି ଗ୍ରାମବାସୀ, ବନବିଭାଗ ଜାଣିବା ପରେ ମଧ୍ୟ ପଦକ୍ଷେପ ନନେବା ଦ୍ୱାରା ଭୟଭୀତ ଅବସ୍ଥାରେ ଗ୍ରାମବାସୀ,ତିନି ଦିନରେ ୪ଜଣ ଆକ୍ରମଣର ଶିକାର,ଗତକାଲି ଖଣ୍ଡବନ୍ଧ ଗ୍ରାମପଞ୍ଚାୟତ ଅଞ୍ଚଳରେ ୩ ଜଣଙ୍କୁ ଭାଲୁ କାମୁଡି ଗୁରୁତର ଆହତ କରିଥିବା ବେଳେ, ପୁଣି ଭାଲୁ କାମୁଡ଼ାରେ ଜଣେ ଆହତ, ଅପରାହ୍ନ ରେ ଖଣ୍ଡବନ୍ଧ ଗ୍ରାମପଞ୍ଚାୟତ ର ପୁରୁଣା ପାଣି ବୁରୁଡି ସାହି ର କାରନା ମାରାଣ୍ଡି( ୫୫) ନିଜ ଚାଷ ଜମିରେ ଧାନ୍ବିଡା ବାନ୍ଧୁ ଥିବା ବେଳେ ଗୋଟିଏ ଭାଲୁ ଜଙ୍ଗରୁ ଦୌଡି ଆସି ଡାହାଣ ଗୋଡ ରେ କାମୁଡିବା ସହ ଛାତିକୁ ରାମ୍ପି ଦେଇଥିଲା । ପାଖ ଜମିରେ ରାଇପଦା ଗ୍ରାମ ର ରମାକାନ୍ତ ଦେହୁରୀ ଧାନବିଡା ବାନ୍ଧୁ ଥିବା ବେଳେ କାରନା କୁ ଭାଲୁ ଆକ୍ରମଣ ଦେଖି ପାଟି କରିବାରୁ ଭାଲୁ କାରନା କୁ ଛାଡି ରମାକାନ୍ତ କୁ ଆକ୍ରମଣ କରି ତାର ମଧ୍ୟ ଡାହାଣ ଗୋଡରେ କାମୁଡି ଉଭୟଙ୍କୁ ଗୁରୁତର କରି ଜଙ୍ଗଲକୁ ଦୌଡି ପଳାଇଲା । ପରିବାର ଲୋକ ଠାକୁରମୁଣ୍ଡା ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତିକରିଥିବା ବେଳେ ଆଜି ସେହିପରି ଠାକୁରମୁଣ୍ଡା ନିକଟ ବର୍ଡ଼ି ବାଇଗୁଣ୍ଡି ଗ୍ରାମ ର କାଣ୍ଡରାମ ବଦ୍ରା ଦିନ ୯ ଘଟିକା ସମୟରେ ବିଲକୁ ଧାନ କାଟିବାକୁ ଯାଇଥିବା ବେଳେ ହଠାତ୍ ତିନୋଟି ଭାଲୁ ଜଙ୍ଗଲ ରୁ ବାହାରି କାଣ୍ଡରାମ କୁ ଆକ୍ରମଣ କରିଥିଲେ । ନିଜ ଜୀବନ ବଞ୍ଚାଇବାକୁ ଭାଲୁ ସହ ଧସ୍ତାଧସ୍ତି ହୋଇଥିଲା କାଣ୍ଡରାମ ବଦ୍ରା । ଭାଲୁ କାଣ୍ଡରାମ କୁ୍ମହାତ୍ମ୍ମଜଙ୍ଗ ଗୋଡ଼ ଡାହାଣ ଜଙ୍ଗ ଏ୍ଂ ହାତକୁ କାମୁଡ଼ି ଜଙ୍ଗଲ କୁ ଚାଲିଯାଇଥିଲା । ଅଳ୍ପ ଦୂରରେ ଥିବା ସ୍ୱୀ ଚାନ୍ଦ ମଣି ମୁଣ୍ଡା ଏବଂ ପିଉସୀ ଜେମା କାରୁଆ ଭଉଣୀ ରିତା କାରୁଆ କାଣ୍ଡ ରାମ କୁ ଏକ ଅଟ ସାହାଯ୍ୟରେ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟ କୁ ଆଣିଥିଲେ,ଆଜି ପୁଣି ଭୋର ରୁ ଶୌଚ ହେବା ପାଇଁ ଠାକୁରମୁଣ୍ଡା ନିକଟ ଭାରାଣ୍ଡିଆ ଗ୍ରାମର ନୀଳାମ୍ବର ଟଙ୍କନିଆ(୬୫) ଙ୍କୁ ଭାଲୁ ପଛପଟୁ ଆକ୍ରମଣ କରିଥିଲା, ଘର ଲୋକେ ଟେମ୍ପ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟ ରେ ଚିକିତ୍ସା ପାଇଁ ଭର୍ତି କରିଛନ୍ତି ସମସ୍ତ ଙ୍କ ର ଚିକିତ୍ସା ଚାଲିଛି,ବନବିଭାଗ ହସ୍ପିଟାଲ ରେ ପହଂଚି ବୁଝାସୁଝା କରୁଛନ୍ତି ।

## ଉଦ୍ୟାନକୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଠାରେ ତ୍ରିପି ତ୍ରିପି ପଚା ଆଳୁ ବିହନ ପାଇଁ ଚାଷୀ ହନ୍ତସନ୍ତ



କେନ୍ଦୁଝର : କେନ୍ଦୁଝର ସଦର ମହକୁମା ଠାରେ ଥିବା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ରେ ଦେଖିବାକୁ ମିଳିଲା ଅଭାବନୀୟ ଘଟଣା, ଏଠାରେ ବସ୍ତା ବସ୍ତା ଆଳୁ ପଚି ଯାଇଥିଲେ ମଧ କୃଷି ଠିକ୍ ବିହନ ନ ପାଇବା ଦୁଃଖ ଓ ଅନୁତାପର ବିଷୟ, କାରଣ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ନିଜ ନିର୍ବାଚନମଣ୍ଡଳୀ ର ଦୃଶ୍ୟ । ଏଠାରେ ଥିବା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଶ୍ରୀ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ ଙ୍କୁ ପଚାରିବାରୁ କଥା ଏପଟ ସେପଟ କଥା କହି ବୁଝାଇବାକୁ ଚେଷ୍ଟା କରିଥିଲେ, ଯାହାକି ତାଙ୍କ କଥାର କିଛି ତାଳମେଳ ରହୁ ନ ଥିଲା । ଏହି ସମୟରେ ବିଜେପିର ବରିଷ୍ଠ ନେତା ତଥା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀ ମହେଶ୍ୱର ସାହୁ ମଧ ଉପସ୍ଥିତ ଥିଲେ, ତାଙ୍କୁ ପଚାରିବାରୁ କହିଲେ ଏହାର ତୁରନ୍ତ ପଦକ୍ଷେପ ନିଆଯିବ, ଏହା ଯେ ଏପରି କରିଛନ୍ତି ତା ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ । ତାଙ୍କ କହିବା କଥା ଏହି ବିହନକୁ ଠିକ୍ ସ୍ଥାନ ଓ ଠିକ୍ ପରିବେଶରେ ନ ରଖିବାରୁ ଏପରି ଅବସ୍ଥା ହୋଇଛି । ପରିଶେଷରେ ଉପନିର୍ଦ୍ଦେଶକ ଶ୍ରୀ ପାଣିଗ୍ରାହୀ କହିଲେ ପଚା ଆଳୁ ବାହାର କରି ଭଲ ଆଳୁ ଚାଷୀ ମାନଙ୍କୁ ଦିଆଯିବ ।

## ଶିମିଳିପାଳ ପାଦଦେଶରୁ କଲରାପତରିଆ ବାଘ ଚମଡା ଜବତ ଘଟଣା

## ଗିରଫ ୩ଜଣ ଅଭିଯୁକ୍ତ କୋର୍ଟ ଚାଲାଣ




ବାଙ୍ଗିରିପୋଷି : ଶିମିଳିପାଳ ଅଭୟାରଣ୍ୟ ପାଦଦେଶ ଅଞ୍ଚଳରୁ ବାଙ୍ଗିରିପୋଷି ବନ ବିଭାଗ ଦ୍ୱାରା କଲରାପତରିଆ ବାଘ ଚମଡା ଜବତ ଘଟଣାରେ ଗିରଫ ୩ଜଣ ଅଭିଯୁକ୍ତକୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ଦକ୍ଷିଣ ଡିଭିଜନ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ସୂଚନା ପ୍ରଦାନ କରିଛନ୍ତି । ଅଭିଯୁକ୍ତ ମାନେ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ରଜାବସା ଗ୍ରାମର କାଙ୍ଗୋଇ ମାର୍ଣ୍ଡି(୫୦), କୁଶନାପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ମାଝୀ(୩୯) ଓ ସୁନାପୋଷି ଗ୍ରାମର ପାହାଡ଼ ସିଂ(୩୦) । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଟିମର ଗୁଇନ୍ଦା ଟିମକୁ ଶିକାର କଲରାପତରିଆ ବାଘ ଚମଡା ବିକ୍ରି ନେଇ ମୂଳଚାଲ ବାବଦରେ ସୂଚନା ମିଳିଥିଲା । ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ଚଢ଼ାଉ ରୂପରେଖ ସ୍ଥିର କରିଥିଲେ । ଶିମିଳିପାଳ ଓ ବାରିପଦା ବନଖଣ୍ଡର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ଟିମ ସୋମବାର ବାଙ୍ଗିରିପୋଷି ରେଞ୍ଜ ଅନ୍ତର୍ଗତ ବାଲିଖଣି ଗ୍ରାମରେ ଚଢ଼ାଉ କରି କଲରାପତରିଆ ବାଘ ଚମଡ଼ା ଜବତ କରିଛନ୍ତି । ଦୁଇଟି ବାଇକରେ ୪ଜଣ ବାଘଛାଲ ନେଇ ଯାଉଥିବା ବେଳେ ବିଶେଷ ସୁତ୍ରରୁ ଖବର ପାଇ ଅତର୍କିତ ଭାବେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ସେଠାରୁ ଗୋଟି କଲରାପତରିଆ ବାଘ ଛାଲ ଜବତ କରିବା ସହ ୩ଜଣକୁ ଧରିବାରେ ସଫଳ ହୋଇଥିଲେ । ଅନ୍ୟ ଜଣେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା । ୩ଜଣକୁ ପଚରା ଉଚରା କରିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ଉକ୍ତ ବାଘ ଚମଡା ୧୮୦୦ସେମି ଲମ୍ବ ଓ ୫୦ସେମି ଓସାର ଓ ୬୫ସେମି ଲମ୍ବର ଅଟେ । ତେବେ ଏହି ବାଘକୁ କେଉଁଠି ଶିକାର କରାଯାଇଛି ଏବଂ ଏଥିରେ ଅନ୍ୟ କେଉଁ ମାନଙ୍କର ସମ୍ପୃକ୍ତି ରହିଛନ୍ତି, ସେନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି । ଉକ୍ତ ଘଟଣାରେ ଅନେକ ଲୋକେ ସମ୍ପୃକ୍ତ ଥିବା ବେଳେ ସେନେଇ ତଥ୍ୟ ସଂଗ୍ରହ କରାଯାଉଛି । ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଲ୍ୟାବ ରିପୋର୍ଟ ଆସିବା ପରେ ଶିକାର ହୋଇଥିବା କଲରାପତରିଆ ବାଘର ଅଧିକ ତଥ୍ୟ ମିଳିପାରିବ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray